ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.22 . No.213, Bhubaneswar Wednesday, October 2, 2019 | ୨୨ତମ ବର୍ଷ ସଂଖ୍ୟା–୨୧୩ ଭୁବନେଶ୍ୱର ବୁଧବାର, ଅକ୍ଟୋବର ୨, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS


## ଆଜିଠୁ ବିଜେପିର ରାଜ୍ୟବ୍ୟାପୀ ଗାନ୍ଧୀ ସଂକଳ୍ପ ପଦଯାତ୍ରା

### – କଟକ ତେଲଙ୍ଗାପେଣ୍ଠ ଗାନ୍ଧୀ ସ୍ମୃତି ପୀଠରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କରିବେ ଶୁଭାରମ୍ଭ – ଲିଫଲେଟ ଏବଂ ଅଡିଓ ସିଡି ଉନ୍ମୋଚିତ – ରାଜ୍ୟରେ ସମସ୍ତ ସଂସଦୀୟ ଏବଂ ବିଧାନସଭା କ୍ଷେତ୍ରରେ ଅକ୍ଟୋବର ୨ ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ପଦଯାତ୍ରା ଚାଲିବ

ଭୁବନେଶ୍ୱର, ୧।୧୦(ପି.ଏନ): ଅକ୍ଟୋବର ୨ ତାରିଖ ୧୫୦ତମ ଗାନ୍ଧୀ ଜୟନ୍ତୀରୁ ଭାରତୀୟ ଜନତା ପାର୍ଟୀ ତରଫରୁ ଦେଶ ବ୍ୟାପୀ ଗାନ୍ଧୀ ସଂକଳ୍ପ ଯାତ୍ରା ଆରମ୍ଭ ହେବ। ରାଜ୍ୟରେ ସମସ୍ତ ସଂସଦୀୟ ଓ ବିଧାନସଭା କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅକ୍ଟୋବର ୨ ରୁ ୩୦ ତାରିଖ ଦିନ ଧରି ଏହି ପଦଯାତ୍ରା କାର୍ଯ୍ୟକ୍ରମ ଚାଲିବ। ପଦଯାତ୍ରା ପୂର୍ବରୁ ଆଜି ରାଜ୍ୟ ବିଜେପି ଉପସଭାପତି ଶ୍ରୀ ସମୀର ମହାନ୍ତି ଏବଂ ବିଜେପି ଗଣମାଧ୍ୟମ ବିଭାଗ ମୁଖ୍ୟ ଓ ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର ଗାନ୍ଧୀ ସଂକଳ୍ପ ଯାତ୍ରାର ଲିଫଲେଟ, ପ୍ଲାକାର୍ଡ ଏବଂ ଅଡିଓ ସିଡି ଉନ୍ମୋଚିତ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତାକାଲି କଟକ ଜିଲ୍ଲା ତେଲଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତି ପୀଠରୁ ସକାଳ ୯ଟାରେ ଏହି ପଦଯାତ୍ରା ଆରମ୍ଭ କରିବେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସାଧାରଣ ଜନତାଙ୍କୁ ଭେଟିବା ସହ ଏକ ସାଧାରଣ ସଭାକୁ ସମ୍ବୋଧନ କରିବେ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି। ଗାନ୍ଧୀଜୀଙ୍କ ବାର୍ତ୍ତାକୁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ସମଗ୍ର ବିଶ୍ୱରେ ଆଗେଇ ନେବା ସହ ସଚେତନତା ସୃଷ୍ଟି କରୁଛନ୍ତି । ଏହି ପଦଯାତ୍ରା ଅବସରରେ ଗାନ୍ଧୀଜୀଙ୍କ ବାର୍ତ୍ତା। ସ୍ୱଦେଶୀ, ସ୍ୱଚ୍ଛତା, ସ୍ୱରାଜ, ସ୍ୱାବଲମ୍ବୀ, ସାଧାରଣ ଓ ସରଳ ଜୀବନ ଯାପନ, ଜଳ ସଂରକ୍ଷଣ, ନିଶା ନିବାରଣ, ସିଙ୍ଗଲ ୟୁଜ୍ଡ ପ୍ଲାଷ୍ଟିକ ବର୍ଜନ ସଂପର୍କରେ ସାଧାରଣ ଜନତାଙ୍କୁ ଅବଗତ ଓ ସଚେତନା କରାଯିବ ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପ ସଭାପତି ଶ୍ରୀ ସମୀର ମହାନ୍ତି ସୂଚନା ଦେଇଛନ୍ତି। ଶ୍ରୀ ମହାନ୍ତି ସୂଚନା ଦେଇ କହିଛନ୍ତି ଯେ, ସିଦ୍ଧାନ୍ତ ବିହୀନ ରାଜନୀତି, ପରିଶ୍ରମ ବିହୀନ ଧନ ଉପାର୍ଜନ, ବିବେକ ବିହୀନ ସୁଖପ୍ରାପ୍ତି, ଚରିତ୍ର ବିହୀନ ଜ୍ଞାନ, ସଦାଚାର ବିହୀନ ବ୍ୟବସାୟ, ସମ୍ବେଦନା ବିହୀନ ବିଜ୍ଞାନ ଏବଂ ତ୍ୟାଗ ବିହୀନ ଉପସନା ଭଳି ୭ଟି ସାମାଜିକ ପାପରୁ ନିବୃତ ରହିବା ପାଇଁ ଏହି ପଦଯାତ୍ରା ଅବସରରେ ସମାଜକୁ ଆହ୍ୱାନ ଦିଆଯିବ। ପାର୍ଟୀର ସମସ୍ତ ସାଂସଦ, ବିଧାୟକ, ରାଜ୍ୟ ପଦାଧିକାରୀ ଏବଂ ସମସ୍ତ କାର୍ଯ୍ୟକର୍ତ୍ତା ଏହି ପଦଯାତ୍ରାରେ ସାମିଲ ହେବେ।

## ଅଭିଯୋଗ ଶୁଣାଣି ବେଳେ ଅନୁପସ୍ଥିତ ଥିଲେ ବିଡିଓ, କୈଫତ ତଲବ କଲେ ମନ୍ତ୍ରୀ ପ୍ରତାପ ଜେନା

ଭୁବନେଶ୍ୱର, ୧।୧୦(ପି.ଏନ): ସୋମବାର ଅଭିଯୋଗ ଶୁଣାଣି ଦିନ ଥିବାରୁ ଗାଁ ଗହଳରୁ ଲୋକେ ଆସିଥିଲେ ବିଡିଓଙ୍କୁ ନିଜର ଦୁଃଖ ଜଣାଇବାକୁ । ହେଲେ ବିଡିଓ ଆସିଲେନି କି ଆବଶ୍ୟକ ସଂଖ୍ୟକ କର୍ମଚାରୀ ବି ଉପସ୍ଥିତ ରହିଲେନି। କିନ୍ତୁ ପହଂଚିଗଲେ ମନ୍ତ୍ରୀ। ସେହିଠାରେ ବିଡିଓଙ୍କ ବଦଳରେ ମନ୍ତ୍ରୀ ଲୋକଙ୍କ ଦୁଃଖ ଶୁଣିଲେ । ଏବେ ବିଡିଓଙ୍କୁ କୈଫତ ମାଗିଛନ୍ତି ମନ୍ତ୍ରୀ । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ରାଜଧାନୀର ଠାରୁ ମାତ୍ର କେଇ କିଲୋମିଟର ଦୂରରେ ଥିବା ଖୋରଧା ବ୍ଲକ ଅଫିସରେ। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ପଂଚାୟତିରାଜ ଓ ଆଇନ୍ ମନ୍ତ୍ରୀ ପ୍ରତାପ ଜେନା ଅଚାନକ ଖୋରଧା ଜିଲ୍ଲା ଗସ୍ତରେ ଯାଇଥିବାବେଳେ ଏଭଳି ଘଟଣା ଘଟିଛି । ମନ୍ତ୍ରୀ ବ୍ଲକ ଅଫିସରରେ ପହଂଚିବା ବେଳକୁ ବିଡିଓଙ୍କ ସହିତ ଅନ୍ୟ କିଛି କର୍ମଚାରୀ ଆସିନଥିଲେ। ହେଲେ ଗାଁ ଗହଳରୁ ଲୋକେ ଆସି ରୁଣ୍ଡ ହୋଇଥିଲେ ସେମାନଙ୍କର ଦୁଃଖ ଜଣାଇବାକୁ। ବିଡିଓ ନଆସିବା ଦେଖି ମନ୍ତ୍ରୀ ଶ୍ରୀ ଜେନା ନିଜେ ଜଣଙ୍କ ପରେ ଜଣେ ଲୋକଙ୍କ ଦୁଃଖ ଶୁଣିଥିଲେ । ଗୋଳବାଇ ଗାଁର ଅଶୋକ ବେହେରାଙ୍କ ଘର ପୋଡି ଯାଇଥିଲା । ଆସିଥିଲେ ନିଜର ଦୁଃଖ ଜଣାଇ ଘର ଖଣ୍ଡେ ପାଇବାକୁ । ମନ୍ତ୍ରୀ ଅଶୋକଙ୍କ ଦୁଃଖ ଶୁଣିଲେ ଓ ଘର ମିଳିବ ବୋଲି ପ୍ରତିଶ୍ରୁତି ବି ଦେଲେ। ସେହିଭଳି ପାନବରଜ ଗାଁର ଉର୍ମିଳା ସାହୁ ଆସିଥିଲେ ପାଇଖାନା ନିର୍ମାଣ ବାବଦ ବାକିଆ ଟଙ୍କା ପାଇବାପାଇଁ। ବର୍ଷେ ତଳୁ ପାଇଖାନା ନିର୍ମାଣ ସରିଥିଲେ ବି ଟଙ୍କା ମିଳିନାହିଁ। ମନ୍ତ୍ରୀ ସବୁ ଶୁଣିବା ପରେ କିଭଳି ତୁରନ୍ତ ଟଙ୍କା ମିଳିବ ସେ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହିଭଳି ଜଣଙ୍କ ପରେ ଜଣଙ୍କ ସମସ୍ୟା ଶୁଣିବା ସହିତ ତାହାର ସମାଧାନଲାଗି ପ୍ରତିଶ୍ରୁତି ଦେଇଥିଲେ । ଏଥି ସହିତ ଅର୍ଥ ମଞ୍ଜୁର ହୋଇଥିବା ଅନେକ ପ୍ରକଳ୍ପ ଠିକଣା ଭାବେ କାର୍ଯ୍ୟକାରୀ ହୋଇନଥିବା ମନ୍ତ୍ରୀଙ୍କ ନଜରକୁ ଆସିଥିଲା। ବ୍ଲକ ଅଫିସର କାର୍ଯ୍ୟ ସାରି ମନ୍ତ୍ରୀ ଶ୍ରୀ ଜେନା ଖୋରଧା ପୌରାଂଚଳର ବିକାଶ ପାଇଁ ଆଲୋଚନା କରିବା ସହିତ ଡମ୍ପିଂୟାର୍ଡ ପରିଦର୍ଶନ କରିଥିଲେ । ଅଭିଯୋଗ ଶୁଣି ମନ୍ତ୍ରୀ ଫେରିବାପରେ ଏବେ ବିଡିଓଙ୍କ ଅନୁପସ୍ଥିତ ନେଇ କୈଫତ ତଲବ ହୋଇଛି। ସୋମବାର ଦିନ ଲୋକଙ୍କ ଅଭିଯୋଗ ଶୁଣାଣି ଦିନ ହୋଇଥିଲେ ମଧ୍ୟ ବିଡିଓ ଓ ଅନ୍ୟାନ୍ୟ କର୍ମଚାରୀମାନେ କାହିଁକି ଠିକ୍ ସମୟରେ ଅଫିସ୍ ଆସିଲେ ନାହିଁ ସେ ସଂକ୍ରାନ୍ତରେ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି ସହିତ ୭ଦିନ ମଧ୍ୟରେ ଉତର ଦେବାକୁ କୁହାଯାଇଛି । ତେବେ ସରକାରୀ ଦପ୍ତରରେ ମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଓ ଖିଲାପି କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବେ ଚର୍ଚ୍ଚାର ବିଷୟ ପାଲଟିଛି ।

## ୧୫୦ତମ ମହାତ୍ମା ଗାନ୍ଧିଙ୍କ ଜନ୍ମ ଦିବସ ଉପଲକ୍ଷେ : ବୁଢ଼ା ଘାଟ ଠାରେ ବୃକ୍ଷରୋପଣ ଓ ରାମଧୁନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ



ଭୁବନେଶ୍ୱର : ଯାଜପୁର ୧୫୦ତମ ମହାତ୍ମା ଗାନ୍ଧିଙ୍କ ଜନ୍ମ ଦିବସ ଉପଲକ୍ଷେ ଗାନ୍ଧିବାଦି ତଥା ସମାଜସେବୀ ବାଇଧର ମହାପାତ୍ରଙ୍କ ନେତୃତ୍ୱରେ ଯାଜପୁରର ବୁଢ଼ାଘାଟ ଠାରେ ବ୍ୟାପକ ବୃକ୍ଷରୋପଣ ହେବା ସଙ୍ଗେ ମହାତ୍ମାଗାନ୍ଧିଙ୍କ ପ୍ରିୟ ଗୀତ ରଘୁପତି ରାଘବ ରାଜାରାମ, ପତିତପାବନ ସୀତାରାମ, ଈଶ୍ୱର ଆଲ୍ଲା ତେରେ ନାମ, ସବକୋ ସନ୍ମତି ଦେ ଭଗବାନ। ମନ୍ତ୍ର ଓ ଗୀତ କରତାଳି ଦେଇ ନଦୀ ପିଠରେ ବୃକ୍ଷ ରୋପଣ କରିଥିଲେ। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଶୋକ ଗଛ, ବୋଉଳ ଗଛ, ଆକାଶିଆ ଗଛ, ବେଲ ଗଛ, ଅଶ୍ୱସ୍ଥ ଗଛ, କୃଷ୍ଣ ଚୁଡା, ନାଗେଶ୍ୱର, ନିମ୍ବ, ଦେବଦାରୁ, ଆମ୍ବ, ବର ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ସଭାପତି ମନୋଜ ରାଉତ, ସନ୍ତୋଷ ନନ୍ଦ, ମହାବୀର ଜିମ୍ନାସିୟମର ନୀଳକଣ୍ଠ ମିଶ୍ର, ରାଜୀବ କୁମାର ମହାପାତ୍ର, ସନ୍ତୋଷ ବେହେରା, ପ୍ରଶାନ୍ତ କଣ୍ଠ, ଭାଲୁ ଦଳାଇ, ଟିକି ଦଳାଇ, ଜଳିଆ ଦଳାଇ, ଗୋବିନ୍ଦ ଦଳାଇ, ନଟବର ଦଳାଇ, ତପନ ଦଳାଇ, ସଂଜୁଆ ଦଳାଇ, ଦିଲୁଆ ଦଳାଇ, ପରେଶ ମିଶ୍ର, ସଂଜିବ କୁମାର ମହାପାତ୍ର, ବାବନ ବେହେରା, ଛୋଟା ଦଳାଇ, ଶିବୁ ଦଳାଇ, ବାବୁ ଦଳାଇ, ଜଗା ଦାସ, ପ୍ରଦିପ୍ ଦାସ, କାହ୍ନୁ ବାବୁ, ରୁପକ୍ ଦାସ, ମାନସ ଦଳାଇ, ମଣିଆ ଦଳାଇ, ଧନିଆ ଦଳାଇ, ଉପେନ୍ଦ୍ର ଦଳାଇ, ଗଜେନ୍ଦ୍ର ସେଠୀ, ରବି ରଣା, ବିଳାସ ରାଉତରାୟ, ଦୁର୍ଯ୍ୟୋଧନ ବେହେରା, ବିଜୟ ମହାପାତ୍ର, ବିଦ୍ୟାଧର ବାରିକ,, ୟୁସୁଫ୍, ରବି ଦାସ, ଛୋଟା ଦଳାଇ, ବିଷ୍ଣୁ ରାଉତ, ବିଭୁତି ମହାପାତ୍ର, ଶହ ଶହ ଗାନ୍ଧିପ୍ରେମୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ବୁଢ଼ାଘାଟ ଠାରୁ ରାମଧୁନ୍ ଗୀତ ଗାଇ ଗାଇ ଗାନ୍ଧୀପ୍ରେମୀମାନେ ରାସ୍ତାରେ ଏକ ଶୋଭା ଯାତ୍ରା ଚଳିଚଳି ମଲ୍ଲିକାପୁର ମହାଦେବଙ୍କ ପାଖରେ ଏକ ନିମ୍ବ ଗଛ ରୋପଣ କରି କାର୍ଯ୍ୟକ୍ରମକୁ ଶେଷ କରିଥିଲେ। ସୂଚନା ଯୋଗ୍ୟ ଯେ ମହାତ୍ମାଗାନ୍ଧୀ ୧୯୩୪ ମସିହାରେ ବୁଢ଼ାଘାଟ ଠାରୁ ଏକ ପଦ ଯାତ୍ରା କରି ବାରୁଣି ପଡ଼ିଆ ଠାରେ ଏକ ସଭା କରିଥିଲେ ଏବଂ ଯାଜପୁରର ସଦାବ୍ରତ ମଠ ପାଶ୍ୱରେ ରାତ୍ରିଯାପନ କରି ସକାଳ ବେଳା ଦେବୀଗଡା ଦେଇ ବୈତରଣୀ ପାର ହୋଇ ମଣିନାଥପୁର ପହଞ୍ଚି ଭଦ୍ରକ ଜିଲ୍ଲାକୁ ଗସ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗାନ୍ଧୀପ୍ରେମୀମାନେ ସହଯୋଗ କରିଥିବାରୁ ବାଇଧର ମହାପାତ୍ର(ନଟୁନା) ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। (ବୃକ୍ଷ ରୋପଣ ଓ ରମା ଧୁନ୍ ଫଟୋ ଅଛି)

## ଜାମ୍ମୁ କାଶ୍ମୀରରେ ୨ ଆତଙ୍କବାଦୀ ନିହତ

ଜାମ୍ମୁକାଶ୍ମୀର , ୧।୧୦(ପି.ଏନ): ଜାମ୍ମୁ – କାଶ୍ମୀରର ଗାନ୍ଦେରବଲ ଅଂଚଳରେ ଆଜି ଯବାନ ଓ ଆତଙ୍କବାଦୀଙ୍କ ଗୁଳି ବିନିମୟରେ ୨ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି ।କିଛି ଦିନ ହେବ ଜାମ୍ମୁକାଶ୍ମୀର ଗାନ୍ଦେରବଲ ଅଂଚଳରେ ଆତଙ୍କାବାଦୀ ଲୁଚି ରହିଥିବା ଯବାନଙ୍କୁ ଖବର ମିଳିଥିଲା । ଏହା ପରେ ସେପ୍ଟେମ୍ବର ୨୮ରୁ ସେଠାରେ ଯବାନମାନେ କମ୍ବିଂ ଅପେରେସନ ଆରମ୍ଭ କରିଥିଲେ ।

## ଇସ୍ପାତ ଶିଳ୍ପକୁ କଂଚାମାଲ ଯୋଗାଣ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବଡ ଉଦ୍ୟମ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧।୧୦(ପି.ଏନ): ଭାରତୀୟ ଇସ୍ପାତ୍ କ୍ଷେତ୍ରରେ କଂଚାମାଲର ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ମହତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ସରକାରୀ କମ୍ପାନୀ ଦ୍ୱାରା ଖଣି କାର୍ଯ୍ୟ ନିୟମରେ ଖଣି ମନ୍ତ୍ରଣାଳୟ ସଂଶୋଧନ କରିଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମ ବଳରେ ଏହା ସମ୍ଭବ ହୋଇପାରିଛି ।ସଂଶୋଧିତ ନିୟମନୁସାରେ ସରକାରୀ କମ୍ପାନୀ ଗୁଡିକୁ ମିଳିଥିବା ଖଣି ଲିଜ୍, ଯଦି ଖଣି କମ୍ପାନୀ ରାଜ୍ୟ ସରକାରଙ୍କୁ ଏସଂକ୍ରାନ୍ତରେ ଲିଜ୍ ସରିବାର ଅନ୍ତତଃ ବର୍ଷେ ପୂର୍ବରୁ ଲିଖିତ ଦରଖାସ୍ତ/ଆବେଦନ କରନ୍ତି ତେବେ ରାଜ୍ୟ ସରକାର ଖଣି ଲିଜ୍‌କୁ ଆଉ ଅଧିକ ଏକକାଳୀନ ୨୦ ବର୍ଷ ଘୁଂଚାଇ ପାରିବେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଉଭୟେ ଏହି ପ୍ରସଙ୍ଗରେ ପ୍ରଥମେ ହସ୍ତକ୍ଷେପ କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଖଣି ମନ୍ତ୍ରଣାଳୟ ଦାୟିତ୍ୱ ନେବା ପରେ ଭାରତୀୟ ଇସ୍ପାତ୍ କ୍ଷେତ୍ରର କଂଚାମାଲର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ନିକଟରେ ଷ୍ଟିଲ୍ ଅଥୋରିଟି ଅଫ୍ ଇଣ୍ଡିଆ (ସେଲ୍) ନିଜ ଉତ୍ପାଦିତ ଲୁହାପଥରର ୨୫ ପ୍ରତିଶତ ଘରୋଇ ବଜାରରେ ପ୍ରଦାନ କରିବା ପାଇଁ ଖଣି ମନ୍ତ୍ରଣାଳୟକୁ ଅନୁମତି ଦେଇଛି । ଖଣି ମନ୍ତ୍ରଣାଳୟର ଏହି ନିଷ୍ପତି ଦେଶର ଇସ୍ପାତ ଶିଳ୍ପର ବିକାଶ ପାଇଁ ଏକ ବଡ ପଦକ୍ଷେପ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏମ୍ଏମ୍‌ଡିଆର୍ ଆକ୍ଟ ୧୯୫୭ ଅନୁସାରେ ୩୧.୦୩.୨୦୨୦ ସୁଦ୍ଧା ୩୧ଟି କାର୍ଯ୍ୟକ୍ଷମ ଖଣିର ଲିଜ୍ ଅବଧି ଶେଷ ହେବ। ନିକଟରେ ଖଣି ମନ୍ତ୍ରାଳୟ ଦ୍ୱାରା ପାରିତ କରାଯାଇଥିବା ଆଦେଶ ଭାରତୀୟ ଇସ୍ପାତ ଉଦ୍ୟୋଗର କଂଚାମାଲ ସୁରକ୍ଷାକୁ ସୁନିଶ୍ଚିତ କରିବ। ଏହାସହ ଏହି ନିଷ୍ପତି ବଜାରରେ କଂଚାମାଲର ମୂଲ୍ୟକୁ ସ୍ଥିର ରଖିବା ସହ ସେକେଣ୍ଡାରୀ ଇସ୍ପାତ୍ କ୍ଷେତ୍ରରେ ସୁପ୍ରଭାବ ପକାଇବ।











# ଟି ଟାଇମ୍

## ମଇଁଷି ଜନ୍ମ ଦେଲା ଅଜବ ଶାବକ



ବ୍ୟାଙ୍କକ ଅନେକ ସମୟରେ ପଶୁମାନେ ଅଜବ ସନ୍ତାନ ଜନ୍ମ ଦେଉଥିବା ଘଟଣା ଆମେ ଦେଖିଛେ। କିଛିଦିନ ତଳେ ଏକ ଛେଳି ମଣିଷ ଶିଶୁଭଳି ଦିଶୁଥିବା ଏକ ସନ୍ତାନ ଜନ୍ମ କରିବା ବିଷୟ ବଡ଼ ଚର୍ଚ୍ଚାର ଖୋରାକ ଯୋଗାଇଥିଲା। ନିକଟରେ ଥାଇଲାଣ୍ଡର ଏକ ମଇଁଷି ମଣିଷ ଶିଶୁଭଳି ଦିଶୁଥିବା ଏକ ସନ୍ତାନ ଜନ୍ମ ନେଇଛି। ମଇଁଷି ଦ୍ୱାରା ମଣିଷ ଶିଶୁ ଜନ୍ମ ହେବା ବିଷୟ ତୁରନ୍ତ ନିଆଁ ଭଳି ବ୍ୟାପିଯାଇଥିଲା। ଆଉ ଏହାକୁ ଦେଖିବାକୁ ହଜାର ହଜାର ଲୋକଙ୍କର ଭିଡ଼ ଜମିଥିଲା। ଏହି ଶିଶୁକୁ ଦେଖି ଲେକମାନେ ଚକିତ ହୋଇପଡିଥିଲା ବେଳେ ଜନ୍ମର କିଛି ସମୟ ପରେ ଏହାର ମୃତ୍ୟୁ ହୋଇଥିଲା। ଏହି ଶିଶୁଟିକୁ ବଞ୍ଚାଇବା ପାଇଁ ଡାକ୍ତରମାନେ ବଡ଼ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ମୃତ୍ୟୁପରେ ଏହି ଶିଶୁଟିକୁ ବେବି ପାଉଡରରେ ମାଲିସ କରାଯାଇଥିଲା ଓ ପରେ ପୋତା ଯାଇଥିଲା।

## ଆଜିର ଭାଗ୍ୟ

ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ପୁରାଣ କାହାଣୀ

# ଭୀମ ଶକ୍ତିଶାଳୀ ହେବାର ରହସ୍ୟ



ବାୟୁର ଜାତ ଭୀମ ମହାଭାରତ ଯୁଦ୍ଧରେ କୌରବଙ୍କ ୧୦୦ ପୁତ୍ରଙ୍କ ସହ ଅନେକ ଯୋଦ୍ଧାଙ୍କୁ କୁରୁକ୍ଷେତ୍ରରେ ମାରି ଗଡାଇଥିଲେ। କୁହାଯାଏଯେ, କୁନ୍ତୀ ପୁତ୍ର ଭୀମ ହଜାର ହାତୀଙ୍କ ଶକ୍ତି ସହ ସମାନ ଥିଲା। ଶକ୍ତିଶାଳୀ ଭୀମ ନିଜ ବାହୁରେ ନର୍ମଦା ନଦୀକୁ ପ୍ରହାର କରିବା ଫଳରେ ନର୍ମଦା ନଦୀର ପ୍ରବାହ ବନ୍ଦ ହୋଇ ଯାଇଥିଲା। କୁରୁ କ୍ଷେତ୍ରରେ ଭୀମଠାରୁ ଅଧିକ ଶକ୍ତିଶାଳୀ ତାଙ୍କର ଏକମାତ୍ର ପୁତ୍ର ଥିଲା। କିନ୍ତୁ ଭୀମ ହଜାର ହାତୀଙ୍କ ବଳବାନ ବୋଲି କୁହାଯାଏ କାହିଁକି ? ଏହି ହିଂସାରେ ଗାନ୍ଧାରୀଙ୍କ ବଡ ପୁତ୍ର ଦୁର୍ଯ୍ୟୋଧନ, ଭାଇ ଶକୁନି କୁନ୍ତୀ ପୁତ୍ରଙ୍କୁ ମାରିବା ପାଇଁ ଯୋଜନା କଲେ। ଦୁର୍ଯ୍ୟୋଧନ ଛଳ କପଟରେ ଭୀମଙ୍କୁ ବିଷ ପିଆଇ ଦେଇ ଗଙ୍ଗା ନଦୀରେ ପକାଇ ଦେଇଥିଲେ। ମୁର୍ଚ୍ଛିତାବସ୍ଥାରେ ଭୀମ ଭାସି ଭାସି ଯାଇ ନାଗଲୋକରେ ପହଞ୍ଚିଲା। ନାଗଲୋକରେ ଭୀମଙ୍କୁ ମୁର୍ଚ୍ଛିତାବସ୍ଥାରେ ପାଇ ନାଗଲୋକ ତାଙ୍କର ସେବାଶୁଶ୍ରୁଷା କରି ଚେତା ଫେରାଇ ଆଣିଥିଲେ। ଭୀମ ଚେତା ଫେରି ପାଇ ନାଗ ଲୋକଙ୍କୁ ମାରିବାକୁ ଲାଗିଲା। ନାଗ ଲୋକଙ୍କୁ ମାରିବା ଘଟଣା ଜାଣି ନାଗରାଜ ବାସୁକୀ ସଙ୍ଗେ ସଙ୍ଗେ ଭୀମଙ୍କ ନିକଟକୁ ତାଙ୍କ ସାଥୀ ଆର୍ଯ୍ୟକ ନାଗଙ୍କୁ ପଠାଇଲେ। ଆର୍ଯ୍ୟକ ନାଗ ଭୀମଙ୍କ ଅଜାଙ୍କ ଅଜା ହୋଇଥିବାରୁ ସେ ଭୀମଙ୍କୁ ଚିହ୍ନି ପାରି ଭୀମଙ୍କଠାରୁ ସମସ୍ତ କଥା ଜାଣିଲେ। କିପରି ଗଙ୍ଗାରେ ତାଙ୍କୁ ଛଳ କପଟରେ ପକାଇଥିଲେ। ଏହା ଶୁଣି ଆର୍ଯ୍ୟକ ନାଗ ଭୀମଙ୍କୁ ହଜାର ହାତୀର ବଳବାନ ହେବା ଲାଗି ଏକ ରସ ପିଆଇ ଦେଇଥିଲେ। ଫଳରେ ଭୀମ ହଜାର ହାତୀର ବଳବାନ ଭାବେ ପରିଚିତ ହେଲା।

# ନିଆରା ଘର, ମାସକୁ ମାତ୍ର ୪ ୟୁନିଟର ବିଜୁଳି ବିଲ



କନ୍ନୁର ଏପରି ଏକ ଘର ତିଆରି ହୋଇଛି ଯେଉଁଠାରେ ବାହାରେ ୪୦ ଡିଗ୍ରୀ ତାପମାତ୍ରା ହେଲେ ମଧ୍ୟ ଭିତରେ ଗରମ ଜଣାପଡିବ ନାହିଁ। ଘର ଭିତରେ ସବୁବେଳେ ଥଣ୍ଡାର ମାହୋଲ ରହିବ। କେରଳର କନ୍ନୁର ଜିଲ୍ଲାରେ ଜଳବିଭାଗରେ କାମ କରୁଥିବା ହରି ଏବଂ ତାଙ୍କ ପତ୍ନୀ ଆଶା ଏପରି ଏକ ଘର ତିଆରି କରିଛନ୍ତି। ଦୁହେଁ ପ୍ରକୃତି ପ୍ରେମୀ ହୋଇଥିଲାବେଳେ ବିବାହ ପରେ ପରିବେଶକୁ ଦୃଷ୍ଟିରେ ରଖି ଏହି ଘରଟି ତିଆରି କରିଛନ୍ତି। ଆଉ ଏହି ଘରପାଇଁ ମାସକୁ ମାତ୍ର ୪ ୟୁନିଟର ବିଜୁଳି ବିଲ ଆସୁଛି। ଦୀର୍ଘ ସମୟ ଧରି ବିଚାର ବିମର୍ଷ କରିବା ପରେ ହରି ଏବଂ ଆଶା ଏହି ଘର ତିଆରି କରିବାର ନିଷ୍ପତ୍ତି ନେଇଥିଲେ। ଘରର କାନ୍ଥ ସବୁ ମାଟିରେ ହୋଇଥିଲାବେଳେ ଛାତ କଂକ୍ରିଟ ଏବଂ ଟାଇଲସରେ ତିଆରି ହୋଇଛି। ହରିଙ୍କ କହିବାନୁସାରେ ବର୍ଷାପାଣି ଘର ଭିତରକୁ ନ ପସିବା ପାଇଁ ଆମେ କଂକ୍ରିଟର ବ୍ୟବହାର କରିଛୁ। ଘରକୁ ପରିବେଶ ଅନୁକୂଳ ତିଆରି କରିବା କାରଣରୁ ବିଜୁଳି ଖର୍ଚ୍ଚ ମଧ୍ୟ କମ ହେଉଛି। ଘର ଭିତରେ ମାତ୍ର ଦୁଇଟି ସ୍ଥାନରେ ଲାଇଟ ପଏଣ୍ଟ ଦିଆଯାଇଛି। ଏହାସତ୍ତ୍ୱେ ପୁରା ଘର ରାତିରେ ଆଲୋକିତ ହେଉଛି। ଘରେ ସେମାନେ ପ୍ରାକୃତିକ ଫ୍ରିଜ ରଖିଛନ୍ତି। ଅର୍ଥାତ ରୋଷେଇ ଘରେ ଗାତ ଖୋଳି ଚାରିପଟେ ଇଟା ଓ ମାଟିରେ ଏକ ବାକ୍ସ ଭଳି ସ୍ଥାନ ତିଆରି ହୋଇଛି। ଏହା ଭିତରେ ସପ୍ତାହ ପାଇଁ କୌଣସି ଖାଦ୍ୟ ସାମଗ୍ରୀ ରଖିଲେ ତାହା ନଷ୍ଟ ହେବ ନାହିଁ। ଘରେ ସୋଲାର ପ୍ୟାନେଲ ଏବଂ ବାୟୋଗ୍ୟାସର ବ୍ୟବହାର କରାଯାଉଛି। ଏହି କାରଣରୁ ତାଙ୍କର ପ୍ରତି ମାସରେ ମାତ୍ର ୪ ୟୁନିଟର ବିଜୁଳି ବିଲ ଆସୁଛି।

# ଚିକିତ୍ସା ପାଇଁ ୮ ଜଣ ପତ୍ନୀଙ୍କ ସହ ଗ୍ରେଟର ନୋଏଡାରେ କୁଏତର ସୁଲତାନ



ନୋଏଡା ଚିକିତ୍ସା ପାଇଁ କୁଏତର ସୁଲତାନ ସେକ ସବା ଅଲ ଅହମ୍ମଦ ଅମୀର ଏବେ ଗ୍ରେଟର ନୋଏଡାରେ। ସେ କୁଏତର ରାଷ୍ଟ୍ରମୁଖ୍ୟ ଅଟନ୍ତି। ଅନେକ ରୋଗରେ ଆକ୍ରାନ୍ତ ଅମୀର ନିଜ ୮ ପତ୍ନୀ ଏବଂ ୨୮ ଜଣ ପରିବାର ସଦସ୍ୟଙ୍କ ସହ ଭାରତ ଆସିଛନ୍ତି। ସୁଲତାନ ଜେପି ରିସୋର୍ଟରେ ରହୁଥିଲାବେଳେ ତାଙ୍କର ଚିକିତ୍ସା ଜେପି ହସପିଟାଲରେ ଚାଲିଛି। ରିସୋର୍ଟରୁ ଡାକ୍ତରଖାନା ୯ କିଲୋମିଟର ହୋଇଥିଲା ବେଳେ ତାଙ୍କ ପରିବାର ହେଲିକପ୍ଟରରେ ଯିବା ଆସିବା କରୁଛନ୍ତି। ଖାଲି ଏତିକି ନୁହେଁ ତାଙ୍କ ପରିବାର ପାଇଁ ଡାକ୍ତରଖାନାର ଉପର ମହଲାରେ ଥିବା ୩ଟି ସୁଟକୁ ଆଧୁନିକ ରୂପ ଦିଆଯାଇଛି। ଶୁକ୍ରବାର ସୁଲତାନ କୁଏତ ଫେରିବେ। ଡାକ୍ତରଖାନାରେ ୨୦ ଜଣ ଡାକ୍ତରଙ୍କୁ ନେଇ ଏକ ଟିମ ସୁଲତାନ ଏବଂ ତାଙ୍କ ପରିବାରର ଚିକିତ୍ସା କରୁଛି। ଏହି ଟିମରେ ସାମିଲ ଥିବା ଡେଣ୍ଟାଲ ସର୍ଜନ ଡ. ପ୍ରବୀଣ କୁମାର କହିଛନ୍ତି ଯେ, ସୁଲତାନ ଆସିବାର ଏକ ମାସ ପୂର୍ବରୁ ତାଙ୍କ ବ୍ୟକ୍ତିଗତ ଡାକ୍ତରଙ୍କୁ ନେଇ ଏକ ଦଳ ଏଠାରେ ପହଞ୍ଚିଥିଲେ। ସେମାନେ ଦିଲ୍ଲୀ ଏବଂ ଏନସିଆର ରେ ଥିବା ବିଭିନ୍ନ ଡାକ୍ତରଖାନା ଦେଖିବା ପରେ ଏହି ଡାକ୍ତରଖାନାକୁ ମନୋନୀତ କରିଥିଲେ। ୧୫ ଦିନ ତଳେ ସୁଲତାନଙ୍କ ପସନ୍ଦ ଅନୁସାରେ ଡାକ୍ତରଖାନାର ୩ଟି ସୁଟକୁ ରାଜକୀୟ ରୂପ ଦିଆଯାଇଛି। ସୁଲତାନ ରକ୍ତଚାପ, ଡାଇବେଟିସ, ସୁଗାର ଆଦି ସମସ୍ୟାରେ ପୀଡିତ ଅଛନ୍ତି।

# ଆତ୍ମହତ୍ୟା ପୂର୍ବରୁ କବର ଭିତରେ ଶୁଅନ୍ତି ମହିଳା



ଟୋକିଓ ଅନେକ ସମୟରେ ଜୀବନ ପ୍ରତି ବିତୃଷ୍ଣା ଭାବ ଆସିଲେ ଲୋକେ ଆତ୍ମହତ୍ୟା କରିବାକୁ ଚିନ୍ତା କରିଥାନ୍ତି। ବିଶେଷ କରି ପାରିବାରିକ ବିବାଦ କାରଣରୁ ଅନେକ ମହିଳା ଏହି ଆତ୍ମହତ୍ୟା ପନ୍ଥାକୁ ଗ୍ରହଣ କରିଥାନ୍ତି। ତେବେ ଆପଣ ଜାଣନ୍ତି କି ଜାପାନରେ ଏପରି ଏକ ସ୍ଥାନ ଅଛି ଯେଉଁଠାରେ ଆତ୍ମହତ୍ୟା କରିବା ପୂର୍ବରୁ ମହିଳାମାନଙ୍କୁ ପାଠ ପଢାଯାଇଥାଏ। ଆଉ ଏଠାରେ ଗ୍ରେଭ କ୍ଲାସ ରୁମ ମାଧ୍ୟମରେ ମହିଳା ମାନଙ୍କୁ ପ୍ରଥମେ କବର ଭିତରେ ଶୋଇବାର ଅନୁଭୂତି ପ୍ରଦାନ କରାଯାଇଥାଏ। ଏହି ପାଠ ପଢା ବ୍ୟବସ୍ଥା ଜାପାନର ୩୦ବର୍ଷିୟ ମହିଳା ଲିୟୁ ତେଜି ଆରମ୍ଭ କରିଛନ୍ତି। ତିନିବର୍ଷ ତଳେ ଲିୟୁଙ୍କୁ ତାଙ୍କ ସ୍ୱାମୀ ଛାଡପତ୍ର ଦେଇଥିଲେ। ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ପରେ ଅନୁଭବ କରିଥିଲେ ଯେ ଖାଲି ମୁଁ ନୁହେଁ ଏପରି ଅନେକ ମହିଳା ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି। ତେଣୁ ସେମାନଙ୍କୁ ଏ ଦିଗରେ ସଚେତନ କରାଇବାର ଆବଶ୍ୟକତା ଅଛି। ଏହାକୁ କାର୍ଯ୍ୟକାରୀ କରିବାକୁ ଯାଇ ସେ ଗ୍ରେଭ କ୍ଲାସ ରୁମ ଆରମ୍ଭ କରିଛନ୍ତି। ଏଠାକୁ ଆସୁଥିବା ଇଚ୍ଛୁକ ମହିଳାମାନଙ୍କୁ ପ୍ରଥମେ କବର ଭିତରେ ଶୋଇବାକୁ କୁହାଯାଇଥାଏ, ପରେ ତାଙ୍କ ଉପରେ ମାଟି ଫିଙ୍ଗାଯାଏ। ଏହା କରିବାର ଅର୍ଥ ସେମାନଙ୍କୁ ମୃତ୍ୟୁର ଅନୁଭବ ପ୍ରଦାନ କରିବା। ମହିଳାମାନେ ଏହି ଅନୁଭବ ପରେ ବେଶ ଡରିଯାଉଥିବା ଦେଖିବାକୁ ମିଳିଛି। ଏହି କ୍ଲାସ ପରେ ଅନେକ ମହିଳା ଆତ୍ମହତ୍ୟା କରିବାର ଇଚ୍ଛାକୁ ତ୍ୟାଗ କରୁଥିବା ଦେଖାଯାଉଛି।

# ବୟସ ୮, ଉଚ୍ଚତା ୬ଫୁଟ ୭ଇଞ୍ଚ



ମେରଟର ୮ବର୍ଷର ଏହି ବାଳକ ଏବେ ଗଣମାଧ୍ୟମରେ ବଡ଼ ଚର୍ଚ୍ଚାରେ ରହିଛି। ଆଉ ଏହି ଚର୍ଚ୍ଚାର କାରଣ ହେଉଛି ତା’ର ଉଚ୍ଚତା। କରନ ନାମକ ଏହି ବାଳକର ଉଚ୍ଚତା ଏବେ ୬ଫୁଟ ୭ଇଞ୍ଚ। ଆଉ ସବୁଠୁ ବଡ଼ କଥା ହେଉଛି ତାଙ୍କ ମା’ଶ୍ୱେତଲାନା ମଧ୍ୟ ଡେଙ୍ଗି। ଯେଉଁ କାରଣରୁ ଉଭୟ ମାଆ ଏବଂ ପୁଅଙ୍କର ନାମ ଗିନିଜ ବୁକରେ ସ୍ଥାନ ପାଇଛି। ବିଶ୍ୱର ସବୁଠାରୁ ଡେଙ୍ଗା ମହିଳା ତାଲିକାରେ ଥିବା ଶ୍ୱେତଲାନାକୁ ଏବେ ବିଭିନ୍ନ ବିଜ୍ଞାପନ ସଂସ୍ଥା ଏବଂ ଫିଲ୍ମ ପକ୍ଷରୁ ଅଫର ଆସୁଛି। ପୁଅ କରନକୁ ମଧ୍ୟ ଏହି ଅଫର ଆସିଲାଣି। ତେବେ ଏନେଇ ମାଆ ପୁଅ କୌଣସି ନିଷ୍ପତ୍ତି ନେଇନଥିଲା ବେଳେ ଶ୍ୱେତଲାନାଙ୍କ ଇଚ୍ଛା ଅମିତାଭଙ୍କ ସହ ଫିଲ୍ମ କରିବା।

# ଫେଲ ହେବା ପାଇଁ କୋର୍ସ କରୁଛନ୍ତି ଛାତ୍ର



କୁହାଯାଏ ବିଫଳତା ହିଁ ସଫଳତାର ମାର୍ଗ ଦେଖାଇଥାଏ। ଏହି ଉକ୍ତିକୁ ଚରିତାର୍ଥ କରିବା ପାଇଁ ଆମେରିକାର ମାସାଚ୍ୟୁସେଟସ ସ୍ଥିତ ସ୍ମିଥ କଲେଜ ଉଦ୍ୟମ କରୁଛି। ଏହି କଲେଜରେ ଛାତ୍ରଙ୍କୁ ଫେଲ କିପରି ହୋଇପାରିବ ଏବଂ ଅସଫଳତାକୁ କିପରି ସ୍ୱୀକାର କରି ହେବ ତ’ର ଶିକ୍ଷା ଦିଆଯାଇଥାଏ। ଏହି କଲେଜରେ ଫିଲିଂ ୱେଲ ନାମକ ଏକ କ୍ଲାସ ମଧ୍ୟ କରାଯାଉଛି। ନ୍ୟୁୟର୍କ ଟାଇମ୍ସର ରିର୍ପୋଟ ଅନୁସାରେ ଶ୍ରେଣୀରେ ଛାତ୍ରମାନେ ନିଜ ଦୁର୍ବଳତା ସମ୍ପର୍କରେ ବେଶ ଖୋଲାଖୋଲି ଆଲୋଚନା କରିଥାନ୍ତି। ଏହି କ୍ଲାସକୁ ସେହି ସଫଳ ଲୋକମାନଙ୍କୁ ମଧ୍ୟ ଗେଷ୍ଟ ଫାକଲଟି ଭାବେ ଆମନ୍ତ୍ରଣ କରାଯାଉଛି ଯେଉଁମାନେ ମଧ୍ୟ ପୂର୍ବରୁ ଫେଲ ହୋଇଛନ୍ତି। ଏହି କ୍ଲାସର ମୂଳ ଲକ୍ଷ୍ୟ ହେଉଛି ଛାତ୍ରମାନଙ୍କୁ ଏହି ବିଷୟରେ ଅବଗତ କରାଇବା ଯେ ଜୀବନରେ ଫେଲ ହେବା କିଛି ଖରାପ ବିଷୟ ନୁହେଁ। ତେଣୁ କିପରି ସେମାନେ ବିଫଳତାକୁ ସଠିକ ଭାବେ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ହେବେ ତା’ ଉପରେ ଏଠାରେ ଗୁରୁତ୍ୱ ଦିଆଯାଉଛି। ଏପରିକି ଏଠାରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନିଜ ବିଫଳତାକୁ ଉପସ୍ଥାପିତ କରିବାର ପ୍ରତିଯୋଗିତା କରାଯାଉଛି।

# ଏଠି ପ୍ରତ୍ୟେକଙ୍କ ଘରେ ଉଡ଼ାଜାହାଜ



ଜଳନ୍ଧର ଭାରତରେ ଏପରି ଅନେକ ଘଟଣା ରହିଛି ଯାହା ଖାଲି ଭାରତୀୟ ନୁହେଁ ବିଦେଶୀମାନଙ୍କୁ ବେଶ ଉତ୍ସାହିତ କରୁଛି। ଏହି ତାଲିକାରେ ରହିଛି ଜଳନ୍ଧରର ଏକ ଗ୍ରାମ ଲାମ୍ବଡା। ଏହି ଗ୍ରାମର ପ୍ରତି ବ୍ୟକ୍ତିଙ୍କ ଛାତ ଉପରେ ଏୟାର ଇଣ୍ଡିଆର ବିମାନ ରହିଛି। ଏହି ଗ୍ରାମର ଜଣେ ପ୍ରବାସୀ ଭାରତୀୟ ବିମାନରେ ଉଡ଼ିବାର ସ୍ୱପ୍ନ ପୂରଣ ହୋଇଥିବା କାରଣରୁ ନିଜ ଘର ଛାତ ଉପରେ ଏକ ଉଡ଼ାଜାହାଜର ଡିଜାଇନ ତିଆରି କରିଥିଲେ। ଏଥିରେ ସେ ଏୟାର ଇଣ୍ଡିଆ ଲେଖିଥିଲେ। ଏହାପରେ ଗ୍ରାମର ଆଉ କିଛି ଧନୀକ ଲୋକେ ମଧ୍ୟ ନିଜ ଘର ଛାତ ଉପରେ ଭିନ୍ନ ଭିନ୍ନ ଡିଜାଇନର ଉଡ଼ାଜାହାଜ ତିଆରି କରିଥିଲେ। ଧୀରେ ଧୀରେ ଗ୍ରାମର ଅଧିକାଂଶ ଲୋକ ଏହି ଧାରାରେ ସାମିଲ ହେବାରୁ ଏବେ ଲାମ୍ବଡା ଗ୍ରାମକୁ ଉଡାଜାହାଜର ଗ୍ରାମ ବୋଲି କୁହାଯାଉଛି। ଉଡ଼ାଜାହାର ଏହି ଡିଜାଇନ ସବୁ ଦେଖିବା ପାଇଁ ଏବେ ଏହି ଗ୍ରାମକୁ ପର୍ଯ୍ୟଟକମାନଙ୍କ ସୁଅ ଛୁଟୁଛି।




## ଇଣ୍ଡିଆନ୍ ଅଏଲ୍ ତରଫରୁ ଅଗ୍ନି ନିରାପତା ଗ୍ରାମ୍ୟ ସଚେତନତା କାର୍ଯ୍ୟକ୍ରମ



ବାଙ୍କୀ(ପିଏନ)- ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ଡମପଡ଼ା ଗ୍ରା.ପ ଗଡ଼ଜିତ୍ ଠାରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଜଟଣୀ ତରଫରୁ ଅଗ୍ନିନିରାପତ୍ତା ସଫର୍କିତ ଗାମ୍ୟ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଟଣୀ ଇଣ୍ଡିଆନ୍ ଅଏଲ୍ ତରଫରୁ ସ୍ଥାନୀୟ ଡମପଡ଼ା ଅଗ୍ନିଶମ ବାହିନୀ ସହାୟତାରେ ଏକ ମକଡ୍ରିଲ୍ କାର୍ଯ୍ୟକ୍ରମ କରାଯାଇ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନା କରାଯାଇଥିଲା। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଜଟଣୀ ଇଣ୍ଡିଆନ୍ ଅଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ପରିଚାଳକ ଉପେନ୍ଦ୍ର କୁମାର ମେହୋତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆକସ୍ମିକ ଅଗ୍ନିକାଣ୍ଡରୁ କିଭଳି ଭାବରେ ଜନସାଧାରଣ ରକ୍ଷା ପାଇପାରିବେ ସେ ସଂପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ତତ୍ ସହିତ ଉପସ୍ଥିତ ବୁଦ୍ଧି ଖଟାଇ ଅଗ୍ନିକାଣ୍ଡ ସମୟରେ ନିଜ ଧନଜୀବନ ରକ୍ଷା ସହିତ ପାଖ ପଡୋଶୀଙ୍କ ସହାୟତା ମଧ୍ୟ କରାଯାଇପାରିବ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥିଭାବେ ସହକାରୀ ଯନ୍ତ୍ରୀ ପରିଚାଳନା ଏବଂ ତଦାରଖ ଜଟଣୀର ସୁର୍ଜୀତ୍ ଗୁପ୍ତା , ପରିବେଶ ବିତ୍ ସୁରେନ୍ଦ୍ର କୁମାର ତ୍ରିପାଠୀ, ଡମପଡ଼ା ଅଗ୍ନିଶମ ଅଧିକାରୀ ବସନ୍ତ କୁମାର ପାତ୍ର, ଡମପଡ଼ା ଉପସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଯଜ୍ଞଦୀପେନ୍ ଦେବ୍ ପାଣି ଯୋଗଦେଇ ସ୍ଥାନୀୟ ଜନସାଧାରଣଙ୍କୁ ଅଗ୍ନିକାଣ୍ଡର ଭୟାବହତା ଏବଂ ଏହା ଦ୍ୱାରା ହେଉଥିବା କ୍ଷତି ସଂପର୍କରେ ତଥ୍ୟ ରଖିବା ସହିତ କେବଳ ସଚେତନତା ଏବଂ ସତର୍କତା ମାଧ୍ୟମରେ ଦୁର୍ଘଟଣାକୁ ଏଡାଯାଇପାରିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସୁବେଦାର ସନ୍ତୋଷ କୁମାର ପଟ୍ଟନାୟକ, ଶରତ କୁମାର ଜେନା , ନରେନ୍ଦ୍ର ରାଉତ, ଗଗନ ପ୍ରଧାନ, ରବିନ୍ଦ୍ର ପ୍ରଧାନ, ନିରେଖ ସାହୁ, ପ୍ରେମାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପରଚାଳନା ପୂର୍ବକ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

## ଏନ୍.ଆର୍.ଆଇ. ୱେଲଫେୟାର ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ମହାତ୍ମା ଗାନ୍ଧୀ ଲିଡରସିପ୍ ପୁରସ୍କାର ପାଇବେ ଡକ୍ଟର ମୋନାଲିସା



ଭୁବନେଶ୍ୱର,(ପିଏନ)-ଏନ୍.ଆର୍.ଆଇ ୱେଲଫେୟାର ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ମହାତ୍ମା ଗାନ୍ଧୀ ଲିଡରସିପ୍ ପୁରସ୍କାର ପାଇବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ଡକ୍ଟର ମୋନାଲିସା ବଳ । ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି । ଆସନ୍ତା ଅକ୍ଟୋବର ୧୧ ତାରିଖ ଲଣ୍ଡନର ପାର୍ଲାମେଣ୍ଟର ହାଉସ୍ ଅଫ୍ କମନ୍ସରେ ହେବାକୁ ଥିବା ଏକ ଭବ୍ୟ ଉତ୍ସବରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଏନ୍.ଆର୍.ଆଇ ୱେଲଫେୟାର ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ କୁହାଯାଇଛି । ଚଳିତ ବର୍ଷ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ମୋନାଲିସାଙ୍କ ସମେତ ବିଶ୍ୱର ବିଭିନ୍ନ କୋଣରୁ ବଛା ବଛା ୨୫ଜଣ ବ୍ୟକ୍ତିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସଂସ୍ଥା ସୂଚନା ଦେଇଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସମାଜସେବା ପାଇଁ ପୂର୍ବରୁ ମଦର ଟେରେସାଙ୍କୁ ଏହି ପୁରସ୍କାର ଦିଆଯାଇଥିଲା । ତେଣୁ ମୋନାଲିସାଙ୍କ ଏହି କୃତିତ୍ୱକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

# ନାହିଁ ନାହିଁରେ ଚାଲିଛି ବାଲେଶ୍ୱରର ଓମ୍‌ଫେଡ୍

ବାଲେଶ୍ୱର,(ପିଏନ): ସମବାୟ ସୂତ୍ରରେ ଗଢା ହୋଇଥିବା ବାମୁଲ ପରବର୍ତ୍ତୀ ପର୍ଯ୍ୟାୟରେ ଓମଫେଡ୍ ସହ ମିଶି ବ୍ୟବସାୟ ଆରମ୍ଭ କରିଥିଲା । କିନ୍ତୁ ଏହାର ପରିଚାଳନାଗତ ତ୍ରୁଟି ଯେଉଁ ଏହା ଏବେ ବୁଡିବାକୁ ବସିଲାଣି । କ୍ଷୀର ଲିଟର ପିଛା ଏବେ ୨ ଟଙ୍କା ବୃଦ୍ଧି ହୋଇଛି କିନ୍ତୁ ଏଥିରେ ବିଶେଷ କିଛି ଲାଭ ନାହିଁ । କିନ୍ତୁ ଯେଉଁରୁ ଲାଭ ମିଳୁଥିଲା ଯଥା ପନିର, ଛେନାପୋଡ, ରସାବଳୀ, ରାବିଡି ଓ ଅନ୍ୟାନ୍ୟ ଲାଭଯୁକ୍ତ ସାମଗ୍ରୀ ଉତ୍ପାଦନ ପ୍ରାୟ ବନ୍ଦ ହୋଇଯାଇଛି । ମାର୍କେଟିଂ ଓ ପରିଚାଳନାରେ ଥିବା କର୍ମଚାରୀମାନେ ଲକ୍ଷାଧିକ ଟଙ୍କା ଦରମା ନେଉଥିଲା ବେଳେ ଯେଉଁମାନେ କ୍ଷୀର ପ୍ରସ୍ତୁତରେ ସାହାଯ୍ୟ କରୁଛନ୍ତି ସେମାନଙ୍କୁ ଉଚିତ୍ ମୂଲ୍ୟ ମିଳୁନାହିଁ । କ୍ଷୀର ଉତ୍ପାଦନକାରୀ ଚାଷୀମାନେ ୧୮ ରୁ ୨୮ ଟଙ୍କାରେ କ୍ଷୀର ବିକ୍ରି କରୁଥିବା ବେଳେ ଓମଫେଡ୍ ୪୦ ରୁ ୪୨ ଟଙ୍କା ମୂଲ୍ୟରେ କ୍ଷୀର ବିକ୍ରି କରୁଛି । କିନ୍ତୁ ଦୁଗ୍ଧଚାଷୀଙ୍କୁ ପ୍ରକୃତ ମୂଲ୍ୟ ମିଳୁନାହିଁ । ଏବେ ଗୋଖାଦ୍ୟ, ଔଷଧ, କୁଣ୍ଡା, କୁଟା ଓ ଘାଷ ଇତ୍ୟାଦିର ମୂଲ୍ୟ ବଢୁଥିଲା ବେଳେ ଦୁଗ୍ଧଚାଷୀ ବହୁ କଷ୍ଟରେ କାଳାତିପାତ କରୁଛନ୍ତି । ଓମଫେଡ୍‌କୁ ଦୁଗ୍ଧ ଯୋଗାଇବା ପାଇଁ ବାମୁଲ ଯେଉଁ ପଦକ୍ଷେପ ନେବା କଥା ତାହା ସମାଧାନ ହେଉନଥିବାରୁ ବିଭିନ୍ନ ସମୟରେ ଦୁଗ୍ଧ ଉତ୍ପାଦନକାରୀ ସମବାୟ ସମିତିଗୁଡିକ ଆନ୍ଦୋଳନର ଆଶ୍ରା ନେଇଛନ୍ତି । ଏଥିପାଇଁ ବାଲିଆପାଳ, ବାସୁଦେବପୁର ଓ ବିଭିନ୍ନ ଅ ଳରେ ଦୁଗ୍ଧଚାଷୀମାନେ ସମବାୟ ସମିତିକୁ କ୍ଷୀର ନଦେଇ ଅନ୍ୟତ୍ର ବିକ୍ରି କରୁଛନ୍ତି । ଏବେ ବାଲେଶ୍ୱର ଡାଏରୀରେ ଯୋଗ ଦେଇଥିବା ପରିଚାଳକ ଓ ଉପପରିଚାଳକ ରିଟେଲରମାନଙ୍କ ସମସ୍ତ ସୁବିଧା ହଟାଇ ଦେଇ କେବଳ ଦୁଇ ଚାରିଜଣ ବ୍ୟବସାୟୀଙ୍କୁ ବିତରକର ମାନ୍ୟତା ଦଇ ନିଜର ମୁନ୍ନାଫା ଉଠାଉଛନ୍ତି । ପୂର୍ବରୁ ସାଧାରଣ ଏଜେଣ୍ଟମାନେ ଯେଉଁ କମିଶନ୍ ପାଉଥିଲେ ତାହା ସେମାନଙ୍କଠାରୁ ଛଡାଇନେଇଥିବା ଫଳରେ ସେମାନେ ଓମଫେଡ୍ ଛାଡି ଅନ୍ୟ ବେସରକାରୀ ସଂସ୍ଥାର ସାମଗ୍ରୀ ଯଥା ପନୀର, ଲସି, ଘୋଳଦହି, ରାବିଡି, ମିଠାଦହି, କ୍ଷୀର ଓ ଦହି ବିକ୍ରି କରୁଛନ୍ତି । ଏହି କମ୍ପାନୀମାନଙ୍କଠାରୁ ଏମାନଙ୍କୁ ଅଧିକ ଫାଇଦା ମିଳୁଥିବା ବେଳେ ବାଲେଶ୍ୱର ଡାଏରୀର ପରିଚାଳକଙ୍କ ମୁନ୍ନାଫାଖୋର ନୀତି ଯୋଗୁଁ ସାଧାରଣ ବିକ୍ରେତା ଦୁଃଖରେ କାଳ କାଟୁଛନ୍ତି । କ୍ଷୀରର ମାନ ଠିକ୍ ନଥିବାରୁ ଓମ୍‌ଫେଡ ପ୍ରତି ଲୋକମାନେ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି । ନିକଟରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଓମଫେଡର ଅବଗତି ଯୋଗୁଁ ନିଜର ଉଦ୍‌ବେଗ ପ୍ରକାଶ କରିଥିଲେ ଓ ଗୋପାଳକ ତଥା ଦୁଗ୍ଧ ଉତ୍ପାଦକାରୀମାନଙ୍କୁ ନ୍ୟାର୍ଯ୍ୟ ପ୍ରପ୍ୟ ଦେବା ପାଇଁ ସ୍ୱର ଉଠାଇଥିଲେ । ତେବେ ଓମ୍‌ଫେଡ୍‌ରେ ପରିଚାଳନାରେ ସୁଧାର ନଆସିଲେ ଏହା ପ୍ରାୟତଃ ବନ୍ଦ ହୋଇଯିବାର ଆଶଙ୍କା ଦେଖା ଦେଇଛି ।

## ବେଆଇନ ବାଲି ଚାଲାଣକୁ ବିରୋଧ, ଜେସିବି ଅଟକ ରଖିଲେ ଗ୍ରାମବାସୀ

ବାଲେଶ୍ୱର,(ପିଏନ): ସିଂଲା ଥାନା ଅଧିନସ୍ଥ କଷାଫଳ ସମୁଦ୍ର ବେଳାଭୂମିରେ ବେଆଇନ ଭାବେ ଗଛକଟା ଓ ବେଆଇନ ବାଲି ଉତ୍ତୋଳନକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି । ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ଜେସିବି ମେସିନକୁ ଗ୍ରାମବାସୀ ଅଟକ ରଖି କାର୍ଯ୍ୟାନୁଷ୍ଠାନ ଦାବୀ କରିଥିବା ଜଣାପଡିଛି । ଅଭିଯୋଗ ଅନୁଯାୟୀ ସିଂଲା ଥାନା ଅଧିନ କଷାଫଳ ଗ୍ରାମକୁ ଲାଗି ରହିଥିବା ସମୁଦ୍ର ବେଳାଭୂମିରୁ ଗ୍ରାମର କିଛି ମୁଷ୍ଟିମେୟ ବ୍ୟକ୍ତି ବେଆଇନ ଭାବେ ଗଛ କାଟିବା ସହିତ ଦିନରାତି ଜେସିବି ମେସିନ ଲଗାଇ ଶହଶହ ଟ୍ରିପ୍ ବାଲି ଉତ୍ତୋଳନ କରି ବିକ୍ରି କରୁଛନ୍ତି । ଯାହା ଫଳରେ ବେଳାଭୂମିର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଗ୍ରାମ ଭିତରକୁ ସମୁଦ୍ର ଜୁଆର ମାଡି ଆସି ବ୍ୟାପକ କ୍ଷୟକ୍ଷତି କରିଛି । ବାରମ୍ବାର ଏ ବିଷୟରେ ଗାଁ ଲୋକ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ତେଣୁ ଗ୍ରାମବାସୀମାନେ କାଠ ଗଣ୍ଡିଗୁଡିକ ଅଟକ ରଖିବା ସହ ଜେସିବି ମେସିନକୁ ଅଟକ ରଖିଛନ୍ତି । ଖବର ପାଇ ଘଟଣାସ୍ଥଳରେ ପୁଲିସ, ତହସିଲଦାର ଓ ବନବିଭାଗର କର୍ମଚାରୀ ପହ ି କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।

## ଇଣ୍ଡିଆନ ତରଫରୁ ପଲିଥିନ ସଚେତନତା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ



ବାଙ୍କୀ(ପିଏନ)-ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ କୁସୁନ୍ଦାବିଦ୍ୟାଳୟ ପରିସରରେ ଜଟଣୀ ଇଣ୍ଡିଆନ ଅଏଲ୍ କର୍ପୋରେସନ୍ ତରଫରୁ ପଲିଥିନ ସଚେତନତା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ପରିବେଶବିତ୍ ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ସଂଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଟଣୀ ଇଣ୍ଡିଆନ ଅଏଲ କର୍ପୋରେସନ୍ ମୁଖ୍ୟ ପରିଚାଳକ ଉପେନ୍ଦ୍ର କୁମାର ମେହୋତ , ସହକାରୀ ଯନ୍ତ୍ରୀ ପରିଚାଳନା ଏବଂ ତଦାରଖ ସୁରଜିତ ଗୁପ୍ତା, ପୂର୍ବତନ ସୁବେଦାର ସନ୍ତୋଷ ପଟ୍ଟନାୟକ, ନରେନ୍ଦ୍ର ରାଉତ , ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ସାହୁ ଯୋଗଦେଇ ଛାତ୍ରୀଛାତମାନଙ୍କୁ ଯୋଗଦେଇ ପଲିଥିନ ଏବଂ ପ୍ଲାଷ୍ଟିକ୍ ବ୍ୟବହାର ଦ୍ୱାରା ପରିବେଶ ଉପରେ ପଡୁଥିବା ଏହାର କୁପରିଣାମ ସଂପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଶ୍ରୀମେହୋତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପଲିଥିନ୍ ଏବଂ ପ୍ଲାଷ୍ଟିକ ବ୍ୟବହାର ନକରିବା ପାଇଁ ଶପଥ ପାଠ କରାଇବା ସହିତ ସ୍ୱଚ୍ଛତା ହିଁ ସେବା ସଂକଳ୍ପ କରାଇଥିଲେ। ପଲିଥିନ୍ ଏବଂ ପ୍ଲାଷ୍ଟିକ ଦ୍ୱାରା ପରିବେଶ ସନ୍ତୁଳନ ବିଗୁଡିଥିବା ବେଳେ ପରପିଢୀ ଏହାର କୁପରିଣାମ ଭୋଗୀବ ବୋଲି ପ୍ରକାଶ କରି ଭବିଷ୍ୟତ ପିଢୀପାଇଁ ଏବେଠାରୁ ନିଜେ ସଚେତନ ହେବା ସହିତ ଅନ୍ୟକୁ ସଚେତନ କରାଇ ଏହାର ବ୍ୟବହାରକୁ ବନ୍ଦକରିବା ସହିତ ପ୍ଲାଷ୍ଟିକୁ 'ନାଁ' କହିବା ଉଚିତ୍‌ବୋଲି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପରିବେଶ ସନ୍ତୁଳନ ରକ୍ଷା ନିମନ୍ତେ ଗଛର ଆବଶ୍ୟକତା ସଫର୍କରେ ସଚେତନତା କାରାଯାଇ କୁସୁନ୍ଦା ବିଦ୍ୟାଳୟ ପରିସରରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ କରି ସବୁଜ ପରିବେଶ ସୃଷ୍ଟି କରିବା ପାଇଁ ଶପଥ ପାଠ କରିଥିଲେ।

## ପ୍ରାଥମିକତାର ଶୀର୍ଷରେ ରାସାୟନିକ ସାରର ବିକଳ୍ପ ହିଁ ଜୈବିକ କୃଷି

**-କଳାକାହ୍ନୁ ଟ୍ରଷ୍ଟର ସହାୟତାରେ ରାଉଳପଲ୍ଲୀ ଠାରେ ୧୦ଦିନିଆ ପ୍ରଶିକ୍ଷଣ ଶିବିର**

**-୧୦୦ଚାଷୀଙ୍କୁ ଦକ୍ଷତା ବିକାଶର ତାଲିମ ଦେଲେ କୃଷି ପ୍ରଶିକ୍ଷକ**



ରାଉଳପଲ୍ଲୀ(ପିଏନ)- ଖାଦ୍ୟକୁ ମଣିଷର ପ୍ରଥମ କବଚ ଭାବେ ବିବେଚନା କରାଯାଇଥିବା ବେଳେ କୃଷି ହିଁ ଏହାର ମୁଖ୍ୟ ଆଧାର ରୂପେ ପ୍ରତିପାଦିତ ହୋଇଆସିଛି। କୃଷି – ସାଧାରଣ କୃଷକର ମର୍ମବେଦନାର ଅନ୍ତଃସ୍ୱର , ବେଦନାସିକ୍ତ କର୍ମର ସାର୍ଥକ ଉଚ୍ଚାରଣ। କୃଷକ ଏହି କର୍ମସିକ୍ତ ଯାତ୍ରାର ପ୍ରକୃତ ସାରଥୀ। ସମବେଦନା ନୁହଁ ବରଂ ମାନବିକତାର ଶୀର୍ଷରେ କୃଷକର ସ୍ଥାନ ସର୍ବାଗ୍ରେ ରହିଆସିଛି। ଏହି ପରିପ୍ରେକ୍ଷୀରେ ବିଚାର କଲେ କୃଷି ଓ କୃଷକ ଓଡ଼ିଆ ସଭ୍ୟତାର ଏନ୍ତୁଡ଼ିଶାଳ। ସରକାରଙ୍କ ଫୋକସ୍‌ରେ ଏବେ କୃଷି ଆଉ କୃଷକର ବିକାଶ। ବିକାଶର ନାରାରେ ସରକାର କୃଷକର କଲ୍ୟାଣାର୍ଥେ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ସେହିପରି କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଏକ ଲକ୍ଷ ଚାଷୀଙ୍କର ପୂର୍ବ କୌଶଳ ଓ ଅଭିଜ୍ଞତାକୁ ମାନ୍ୟତା ଦେବା ଦିଗରେ ଏକ ସ୍ୱତନ୍ତ୍ର ପଦକ୍ଷେପ। ଏହାକୁ ଆଧାର କରି ଗଂଜାମ ଜିଲ୍ଲାର ରାଉଳପଲ୍ଲୀ ଗ୍ରାମ ଠାରେ ୧୦ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି। ଏହି କର୍ମଶାଳାରେ ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟର ଚତୁର୍ଥ ବର୍ଷର ଛାତ୍ର – ଡ଼ି ଶୁଭମ୍ ଓ ସୁଶାନ୍ତ କୁମାର ଚୌଧୁରୀ ପ୍ରମୁଖ ଚାଷୀ ମାନଙ୍କୁ ଜୈବିକ କୃଷି ଉପରେ ପ୍ରଶିକ୍ଷଣ ଦେଇଥିଲେ। ସ୍ୱଳ୍ପ ସମୟ , ସୀମିତ ଖର୍ଚ୍ଚ ଆଉ ଉନ୍ନତ ଉତ୍ପାଦନର ମୁଖବନ୍ଧ ହିଁ ଜୈବିକ କୃଷି ବୋଲି ପ୍ରଶିକ୍ଷକ ମାନେ ଉପସ୍ଥାପନ କରିଥିଲେ। ଅଧୁନା କ୍ଷେତରେ ରାସାୟନିକ ସାରର ବହୁଳ ବ୍ୟବହାର ଫଳରେ ଜମିର ଉର୍ବରତା ହ୍ରାସ ପାଇବା ସହ ସୁସ୍ଥ ପନିପରିବା ପାଇବାରେ ମାନବ ବଂଚିତ ହେଉଛି। ସୁତରାଂ , ଜୈବିକ କୃଷି ହିଁ ଏହାର ଏକମାତ୍ର ବିକଳ୍ପ। ପଂଚଗବ୍ୟ , ଦଶଜବ୍ୟ , ବୀଜାମୃତ , ହାଣ୍ଡିଖତ , ଜୀବାମୃତ ପ୍ରଭୃତିର ବ୍ୟବହାର ଓ ପ୍ରୟୋଗ ବିଧି ସମ୍ପର୍କରେ କୃଷି ପ୍ରଶିକ୍ଷକ ମାନେ ଚାଷୀ ମାନଙ୍କୁ ଅବଗତ କରାଇଥିଲେ। ଏହା ବ୍ୟତୀତ ତପନ କୁମାର ରାଉଳ ଚାଷୀ ମାନଙ୍କୁ ଜୈବିକ କୃଷିର ଉପକାରିତା ସହ ଏହା ଦ୍ୱାରା ମିଳିପାରୁଥିବା ସୁବିଧାସୁଯୋଗ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। କଳାକାହ୍ନୁ ଟ୍ରଷ୍ଟର ସହାୟତାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଅଜୟ ପଟ୍ଟନାୟକ ପ୍ରକଳ୍ପର ଆଭିମୁଖ୍ୟ ସମ୍ପର୍କରେ କହିବା ସହ ପ୍ରଶିକ୍ଷଣ ଶେଷରେ ଦକ୍ଷତା ବିକାଶର ପ୍ରମାଣପତ୍ର ମିଳିବ ବୋଲି କହିଥିଲେ। ଏହି ଶିବିରରେ କଳାକାର ରାଉଳ ପରିଚାଳନାରେ ସହଯୋଗ କରିବା ସହ ଜୈବିକ କୃଷିର ଉପାଦେୟତା ବିଷୟରେ ଚାଷୀମାନଙ୍କୁ ବୁଝାଇଥିଲେ।

## ଗ୍ରାମା ଳ କୃଷକଙ୍କ ପାଇଁ ଋଣ ଯୋଗାଣ ଅତି ନଗଣ୍ୟ

# କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର, (ପିଏନ) : ୨୦୧୮-୧୯ ଆର୍ଥିକ ବର୍ଷରେ ବାର୍ଷିକ ଋଣ ଯୋଜନା ଲକ୍ଷ୍ୟ ୭୧ ହଜାର ୪୨୦ କୋଟି ଥିବା ବେଳେ ବ୍ୟାଙ୍କ ମାନେ ମାତ୍ର ୬୯ ହଜାର ୯୩୬ କୋଟି ଟଙ୍କା ଋଣ ଦେବାରେ ସମର୍ଥ ହୋଇଛନ୍ତି । କୃଷି କ୍ଷେତ୍ରରେ ବାର୍ଷିକ ଋଣ ଯୋଜନା ଲକ୍ଷ୍ୟ ୬୮.୬୭ ପ୍ରତିଶତ ହୋଇଥିଲା ବେଳେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଏହା ୨୧.୪୫ ପ୍ରତିଶତ ଏବଂ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ବ୍ୟାଙ୍କ ଋଣ ପ୍ରଦାନ ମାତ୍ର ୧୬.୩୩ ପ୍ରତିଶତ ରହିଛି ବୋଲି ୧୫୬ତମ ବ୍ୟାଙ୍କର କମିଟିର ଅନୁଷ୍ଠିତ ହୋଇଥିବା ଗତକାଲି ବୈଠକରୁ ଜଣାପଡ଼ିଛି । ଦେଶ ଯେତେବେଳେ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛି, ଗ୍ରାମା ଳର କୃଷକମାନଙ୍କର ମେରୁଦଣ୍ଡ ଭାଙ୍ଗି ଯାଇଛି, ସେତିକିବେଳେ ବ୍ୟାଙ୍କ ମାନେ ଗ୍ରାମା ଳର କୃଷକମାନଙ୍କୁ ଅଗ୍ରଣୀ ଭିତ୍ତିରେ ଋଣ ଦେବାକଥା । କାରଣ ୨୦୨୨ ମସିହା ସୁଦ୍ଧା କେନ୍ଦ୍ର ସରକାର କୃଷକମାନଙ୍କର ଆୟକୁ ୨ଗୁଣ କରିବାର ଲକ୍ଷ୍ୟ ରଖିଛନ୍ତି । ଏହି ଲକ୍ଷ୍ୟ ସେତିକିବେଳେ ହାସଲ୍ ହୋଇପାରିବ, ଯେତେବେଳେ ଗ୍ରାମା ଳର କୃଷକ ଅଣ୍ଟାକୁ ସଳଖି ଛିଡ଼ା ହେବାପାଇଁ କିଛି ପଇସା ଆସିପାରିବ ଏବଂ ତାର ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ ତାକୁ ଦିଆଯାଇପାରିବ । ଏ ସବୁ ପାଇଁ ବ୍ୟାଙ୍କ ଋଣ ଅତ୍ୟନ୍ତ ଅପରିହାର୍ଯ୍ୟ । କିନ୍ତୁ ଗଭୀର ଦୁଃଖ ଓ କ୍ଷୋଭର କଥା ରାଜ୍ୟର ୭୦ ପ୍ରତିଶତ ଚାଷୀଙ୍କ ପାଇଁ ରାଜ୍ୟର ବ୍ୟାଙ୍କମାନଙ୍କର ଦରଦ ନାହିଁ । ଯାହାଫଳରେ ବନ୍ୟା, ବାତ୍ୟା, ମରୁଡ଼ି ଓ ରୋଗପୋକ ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀ ହେଉଥିବା ଓଡ଼ିଶାର ଚାଷୀମାନଙ୍କୁ ଋଣ ଯୋଗାଇ ଦେବାପାଇଁ ବ୍ୟାଙ୍କମାନେ ଆଗେଇ ଆସୁନାହାଁନ୍ତି । ତେଣୁ ବହୁ କୃଷକ, ଛୋଟଛୋଟ ବ୍ୟବସାୟୀ ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହେଉଛନ୍ତି । ତେଣୁ କେନ୍ଦ୍ର ଅର୍ଥମନ୍ତ୍ରୀ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରି ରାଜ୍ୟର କୃଷି କ୍ଷେତ୍ରକୁ ଅଗ୍ରଣୀ ଭିତ୍ତିରେ ବ୍ୟାଙ୍କ ଋଣ ଯୋଗାଇଦେବାପାଇଁ ସମାଜବାଦୀ ପାର୍ଟି ଦାବି କରିଛି । କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣଙ୍କୁ ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ଏକ ଚିଠି ଲେଖି ଏ ସଂକ୍ରାନ୍ତରେ ତାଙ୍କର ଦୃଷ୍ଟି ଆକର୍ଷଣ କରିବା ସହିତ ରାଜ୍ୟର ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ବ୍ୟାଙ୍କମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି । ଏହାଫଳରେ ଆର୍ଥିକ ମାନ୍ଦାବସ୍ଥାର ଦୂର ହେବା ସହିତ ରାଜ୍ୟର ଚାଷୀମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ହେବ ଏବଂ ଚାଷୀର ଆୟ ଦୁଇଗୁଣା ହୋଇପାରିବ ବୋଲି ଶ୍ରୀ ବେହେରା ଆଶାପ୍ରକାଶ କରିଛନ୍ତି ।

# ଜିଓଫୋନ୍ ଦୀପାବଳି ୨୦୧୯ ଉପହାର-ମାତ୍ର ୬୯୯ ଟଙ୍କାରେ ଜିଓଫୋନ୍ !

ଭୁବନେଶ୍ୱର : ଭାରତ ଏକ ଡିଜିଟାଲ୍ ସମାଜକୁ ରୂପାନ୍ତରିତ ହେବାର ପ୍ରକ୍ରିୟାର ବାସ୍ତବ ଶୁଭାରମ୍ଭ ହୋଇସାରିଛି। ଉଭୟ ସଂଖ୍ୟା ବା ପରିମାଣ ଓ ଉପାଦାନ ଦୃଷ୍ଟିରୁ ଏହା ସାରା ଦୁନିଆରେ ଅତୁଳନୀୟ। ଏହାର ସମ୍ପୂର୍ଣ୍ଣ ସଫଳତା ପାଇଁ, ଆମକୁ ଏହା ନିଶ୍ଚିତ କରିବାକୁ ପଡ଼ିବ ଯେ, କୌଣସି ଭାରତୀୟ ଯେଭଳି ଡିଜିଟାଲ୍ ବିପ୍ଳବର ସୁଫଳ ପାଇବାରୁ ବଂଚିତ ନହୁଅନ୍ତି। ଆଜିର ସଂଯୁକ୍ତ (କନେକ୍ଟେଡ୍) ଦୁନିଆରେ ସୁଲଭ ଇଟଂରନେଟ୍ ହେଉଛି ଏକ ପ୍ରକାରର ମୌଳିକ ମାନବିକ ଆବଶ୍ୟକତା ଏବଂ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଭଳି ଏକ ପ୍ରକାରର ମୌଳିକ ମାନବିକ ଅଧିକାର। ସେଥିପାଇଁ, ସାରା ଭାରତରେ ଭଏସ୍ କଲ୍ ସହିତ ଡାଟା ସେବାକୁ ମଧ୍ୟ ଦରକାର କରୁଥିବା ଭାରତୀୟଙ୍କ ପାଖରେ ପହଂଚାଇଛି ଜିଓ। ଅଣ-ଜିଓ ଅପରେଟରମାନେ ପ୍ରତି ଜିବିର ନିମ୍ନ ମାନର ୨ଜି ଡାଟା ପାଇଁ ପ୍ରାୟ ୫୦୦ ଟଙ୍କା ମୂଲ୍ୟ ନେଉଥିବା ବେଳେ ଜିଓର ସମ୍ପୂର୍ଣ୍ଣ ୪ଜି ନେଟ୍‌ୱର୍କ ସବୁଠୁ ସୁଲଭ ମୂଲ୍ୟର ଡାଟା ଦର ସହିତ ଉଚ୍ଚ ମାନର ଡାଟା ସେବା ପ୍ରଦାନ କରୁଛି। ପୁନଶ୍ଚ, ଜିଓ ଦୁନିଆର ସବୁଠୁ ସୁଲଭ ମୂଲ୍ୟର ୪ଜି ଭିତିକ ସ୍ମାର୍ଟଫୋନକୁ ସାଧାରଣ ଭାରତୀୟଙ୍କ ନିକଟତର କରିପାରିଛି। ପ୍ରତିଟି ଭାରତୀୟ ଜାଣି ଗର୍ବ କରିବେ ଯେ ଜିଓ ସ୍ମାର୍ଟଫୋନ୍ ହେଉଛି ଏକମାତ୍ର ସ୍ମାର୍ଟଫୋନ୍ ଯାହା ଭାରତୀୟ ମାନଙ୍କ ଦ୍ୱାରା, ଭାରତୀୟଙ୍କ ପାଇଁ, ଏକ ଭାରତୀୟ ଅପରେଟିଂ ସିଷ୍ଟମ ସହିତ ଭାରତରେ ହିଁ ପ୍ରସ୍ତୁତ କରାଯାଇଛି। ମାତ୍ର ୧୫୦୦ ଟଙ୍କାରେ ମିଳୁଥିବା ଜିଓ ଫୋନ୍ ବଜାରରେ ଉପଲବ୍ଧ ହେଉଥିବା ସର୍ବନିମ୍ନ ମୂଲ୍ୟର ସ୍ମାର୍ଟଫୋନ୍ ଦାମର ଏକ ଚତୁର୍ଥାଂଶରୁ କମ୍ ମୂଲ୍ୟରେ ଉପଲବ୍ଧ ହେବ।

ଉନ୍ମୋଚନ ହେବା ପରଠାରୁ ପାଖାପାଖି ୭ କୋଟି ୨ଜି ବ୍ୟବହାରକାରୀ ଜିଓଫୋନ୍ ପ୍ଲାଟଫର୍ମରେ ସାମିଲ ହୋଇଛନ୍ତି, ଯାହା ଦ୍ୱାରା ସେମାନେ ଶକ୍ତିଶାଳୀ ଡିଜିଟାଲ୍ ସେବାଗୁଡ଼ିକୁ ପ୍ରଥମ ଥର ପାଇଁ ହାସଲ କରିଛନ୍ତି। ଏହା ସତ୍ତ୍ୱେ, ଡିଜିଟାଲ୍ ଇଣ୍ଡିଆ ସ୍ୱପ୍ନ ଏବେବି ସମ୍ପୂର୍ଣ୍ଣ ପୂରଣ ହେବା ବାକି ଅଛି। ଏହାର କାରଣ ହେଉଛି ପାଖାପାଖି ୩୫ କୋଟି ଭାରତୀୟ ଏବେବି ୨ଜି ନେଟ୍‌ୱର୍କରେ ଅଛନ୍ତି, ସେମାନଙ୍କ ପାଖରେ ସ୍ମାର୍ଟଫୋନ୍ ନାହିଁ। ସେମାନେ ହେଉଛନ୍ତି ଆମ ଦେଶର ସବୁଠୁ ଉପେକ୍ଷିତ ବର୍ଗ ଯେଉଁମାନଙ୍କ ପାଇଁ ଅତି କମ୍ ମୂଲ୍ୟର ଜିଓ ଫୋନ୍ ମଧ୍ୟ ଏବେବି ସୁଲଭ ହୋଇପାରିନାହିଁ। ଏହି ୩୫ କୋଟି ୨ଜି ବ୍ୟବହାରକାରୀମାନେ ବର୍ତମାନ ସମ୍ପୂର୍ଣ୍ଣ ଡାଟା ସେବାକୁ ବାଦ ଦେବା କିମ୍ବା ନିମ୍ନ ମାନର ଡାଟା ୨ଜି ଡାଟା ଲାଗି ଅଧିକ ମୂଲ୍ୟ ଗଣିବା ଭଳି କଠିନ ବିକଳ୍ପ ଚୟନ କରୁଛନ୍ତି। ସେମାନଙ୍କ ପାଖରେ ମାଗଣା ଭଏସ୍ କଲ୍ ସୁବିଧା ନାହିଁ ଓ ସେମାନେ ଇଟଂରନେଟ୍‌କୁ ମଧ୍ୟ ବ୍ୟବହାର କରିପାରୁନାହାନ୍ତି।

ତେଣୁ ସବୁ ଭାରତୀୟଙ୍କ ପାଇଁ ସମ୍ପୂର୍ଣ୍ଣ ଡିଜିଟାଲ୍ ଅନ୍ତର୍ଭୁକ୍ତୀକରଣକୁ ନିଶ୍ଚିତ କରିବା ଦିଗରେ ଜିଓ ଆଉ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ଆଜି, ଜିଓ ପକ୍ଷରୁ ଏକ ସ୍ୱତନ୍ତ୍ର ଥରେ-ମାତ୍ର ଅଫର ଘୋଷଣା କରାଯାଇଛି ଯାହାର ନାମ ହେଉଛି ଜିଓଫୋନ୍ ଦୀପାବଳି ୨୦୧୯ ଅଫର।

ଚଳିତ ଦଶହରା ଓ ଦୀପାବଳିର ପାର୍ବଣ ଅବସରରେ ଜିଓ ପକ୍ଷରୁ ଜିଓଫୋନ୍‌କୁ ମାତ୍ର ୬୯୯ ଟଙ୍କାର ଏକ ସ୍ୱତନ୍ତ୍ର ମୂଲ୍ୟରେ ଉପଲବ୍ଧ କରାଯାଇଛି ଯାହାର ବର୍ତମାନ ବଜାର ମୂଲ୍ୟ ହେଉଛି ୧୫୦୦ ଟଙ୍କା। ନିଜର ପୁରୁଣା ଫୋନ୍‌କୁ ବଦଳାଇବା ଭଳି କୌଣସି ପ୍ରକାର ସ୍ୱତନ୍ତ୍ର ସର୍ତ ନଥିବାରୁ ଗ୍ରାହକଙ୍କ ପାଇଁ ଏହା ସିଧାସଳଖ ୮୦୦ ଟଙ୍କାରୁ ଅଧିକ ସଂଚୟ ସୁଯୋଗ ଆଣିଦେଇଛି। ଏହି ମୂଲ୍ୟ ବଜାରରେ ବର୍ତମାନ ଉପଲବ୍ଧ ହେଉଥିବା ଯେକୌଣସି ୨ଜି ଫିଚର ଫୋନ୍ ତୁଳନାରେ ବହୁତ କମ୍। ୪ଜି ସେବା ପର୍ଯ୍ୟନ୍ତ ଆସିବା ଲାଗି ଫିଚର୍ ଫୋନ୍ ବ୍ୟବହାରକାରୀଙ୍କ ଲାଗି ଯେଉଁ ଶେଷ ପ୍ରତିବନ୍ଧକ ରହିଥିଲା ତାହା ଏବେ ଦୂର ହୋଇଛି।

୭୦୦ ଟଙ୍କାର ପ୍ରତିବଦ୍ଧତା, ଯାହା ଜିଓ ଫୋନ୍ ଗ୍ରାହକମାନେ ଜିଓଫୋନ୍‌କୁ କିଣିବା ଲାଗି ନିବେଶ କରିବେ ଏବଂ ୨ଜିରୁ ୪ଜି ଡାଟା ଦୁନିଆରେ ପ୍ରବେଶ କରିବେ, ଜିଓ ମଧ୍ୟ ନିଜ ଆଡୁ ନିବେଶର ପ୍ରତିଶ୍ରୁତି ଦେଇଛି। ଭାରତୀୟ ସମାଜରେ ନିହାତି ଆବଶ୍ୟକ କରୁଥିବା ବର୍ଗକୁ ଇଟଂରନେଟ୍ ଅର୍ଥନୀତିରେ ସାମିଲ କରିବା ଦିଗରେ ଜିଓର ଏହା ହେଉଛି ନିବେଶ ଏବଂ ପ୍ରତିବଦ୍ଧତା।

ଯେଉଁ ଜିଓଫୋନ୍ ଗ୍ରାହକମାନେ ଦୀପାବଳି ୨୦୧୯ ଅଫର ଜରିଆରେ ଜିଓରେ ଯୋଗ ଦେବେ, ଜିଓ ସେମାନଙ୍କୁ ୭୦୦ ଟଙ୍କା ମୂଲ୍ୟର ଅତିରିକ୍ତ ଡାଟା ସୁବିଧା ପ୍ରଦାନ କରିବ। ଗ୍ରାହକମାନେ ଯେଉଁ ପ୍ରଥମ ୭ଟି ରିଚାର୍ଜ କରିବେ, ଜିଓ ଅତିରିକ୍ତ ଭାବେ ପ୍ରତିଥର ୯୯ ଟଙ୍କା ମୂଲ୍ୟର ଡାଟା ଯୋଗ କରିବ।

## ଦମ୍ପତ୍ତିଙ୍କୁ ମରଣାନ୍ତ ଆକ୍ରମଣ ଘଟଣାରେ ମା' ଝିଅଙ୍କୁ ସଶ୍ରମ କାରାଦଣ୍ଡ

ବାଲେଶ୍ୱର,(ପିଏନ): ସମ୍ପର୍କୀୟ ଦିଅର ଓ ଯା' ଅର୍ଥାତ୍ ଦମ୍ପତ୍ତିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ନୀଳଗିରି ସରକାରୀ ଦୌରାଜଜ୍ ମା' ଝିଅଙ୍କୁ ପା ବର୍ଷ ସଶ୍ରମ କାରାଦଣ୍ଡ ସହ ପା ହଜାର ଟଙ୍କା ଜୋରିମନା ଦଣ୍ଡ ଆଦେଶ ଦେଇଛନ୍ତି । ଜୋରିମନା ଅନାଦେୟ ଅଧିକ ତିନି ମାସ ଜେଲ୍ ଦଣ୍ଡରେ ଦଣ୍ଡିତ ହେବାକୁ ଆଦେଶ ଦେଇଛନ୍ତି । ନୀଳଗିରି ଉପଖଣ୍ଡ ତଥା ଔପଦା ଥାନା ଅଧିନ ଚଅଁପୁର ଗ୍ରାମର ସୁକାନ୍ତି ନାୟ ଓ ତାଙ୍କ ଝିଅ ଜ୍ୟୋସ୍ନାରାଣୀ ୨୦୧୧ ମସିହା ସେପ୍ଟେମ୍ବର ମାସରେ ଠେଙ୍ଗା ଓ କାଠ ଫାଳିଆରେ ସମ୍ପର୍କୀୟ ଦିଅର ମନୋରଞ୍ଜନ ନାୟକ ଓ ଯା' ତଥା ତାଙ୍କ ସ୍ତ୍ରୀ ହେମଲତାଙ୍କୁ ଏକ ଗଛ ହାଣିବାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ କରିଥିଲେ । ଏ ନେଇ ମନୋରଞ୍ଜନଙ୍କ ଏତାଲା ମୂଳେ ଔପଦା ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ମାନ୍ୟବର ନୀଳଗିରି ସହକାରୀ ଦୌରାଜଜ୍ ସତ୍ୟବ୍ରତ ମିଶ୍ର ଉକ୍ତ ମୋକଦ୍ଦମାରେ ଉପରକ୍ତ ଦଣ୍ଡ ପ୍ରଦାନ କରିଛନ୍ତି ।




# ପେଟୁଆ-ମଧୁରକୂଳ ରାସ୍ତା ଅବରୋଧମୁକ୍ତ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି

କେନ୍ଦ୍ରାପଡା (ପିଏନ)- କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁର ପଂଚାୟତର ଅଧିବାସୀମାନେ ସୋମବାର ଅପରାହ୍ନରେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ ପାଟୁଆ – ମଧୁରକୂଳ ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମିତ ହୋଇଥିବା ବେଳେ ସେହି ରାସ୍ତାର ଗୋଟିଏ ଅଂଶ ୧୯୮୦ ମସିହା ପୂର୍ବରୁ ଶ୍ରୀବଳଦେବଜୀଉଙ୍କ ଦେବୋତ୍ତରସଂସ୍ଥା ଅଧିନରେ ଥିଲା । ପରେ ସେହି ଅଂଶ ଜମିକୁ ଚଟଂକତା କରାଯାଇ ଶ୍ରୀଗଣେଶଜୀଉ ମାର୍ଫତ ମାଧବ ପଢିଆରୀଙ୍କ ନାମରେ କରାଯାଇଥିବା ଅଭିଯୋଗ ହୋଇଛି । ୧୯୯୦ମସିହାରୁ ପୁଣି ସେହି ଜମିକୁ ଶ୍ରୀଗଣେଶଜୀଉ ମାର୍ଫତ ୧୦/୧୨ଜଣ ଗ୍ରାମବାସୀଙ୍କ ନାମରେ ପରିବର୍ତ୍ତନ କରାଯାଇଥିବା ଅଭିଯୋଗ ହୋଇଛି । ପ୍ରାୟ ୧୦କିଲୋମିଟର ଲମ୍ବ ପେଟୁଆ – ମଧୁରକୂଳ ସିମେଟକଂକ୍ରିଟ ରାସ୍ତାଟି ଆୟବା +୨ ସରକାରୀ ବିଜ୍ଞାନ ମହାବିଦ୍ୟାଳୟକୁ ସଂଯୋଗ କରୁଛି । ଏହି ରାସ୍ତାରେ ଦୈନିକ ୫ରୁ ୭ହଜାର ଲୋକ ଜିଲ୍ଲା ସଦର ମହକୁମାକୁ ଯାତାୟତ କରିଥାନ୍ତି । ଦୀର୍ଘ ୩୦ବର୍ଷରୁ ଉର୍ଦ୍ଧ୍ୱ ହେବ ମେଂଟାଲ ରାସ୍ତାଥିବା ପେଟୁଆ – ମଧୁରକୂଳ ପ୍ରାୟ ୧୫ବର୍ଷ ହେବ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସିମେଂଟ କଂକ୍ରୀଟ ରାସ୍ତା ହୋଇଛି । ଏହି ରାସ୍ତାର କିଛି ଅଂଶ ଶ୍ରୀଗଣେଶଜୀଉ ମାର୍ଫତ ୧୦/୧୨ଜଣ ଗ୍ରାମବାସୀଙ୍କ ନାମରେ ପରିବର୍ତ୍ତନ କରାଯାଇଥିବାରୁ ସେମାନେ ରାସ୍ତାର ଉନ୍ନତିକରଣରେ ବାଧକ ସାଜିଥିବାରୁ ଏହା ସର୍ବସାଧାରଣଙ୍କ ସ୍ୱାର୍ଥରେ ଘୋର ସମସ୍ୟା ସୃଷ୍ଟି କରିଛି । ଏଣୁ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସନ୍ତୋଷ କୁମାର ବେହେରା,ମାଧବ ବେହେରା,ବଳରାମ ବଏହେରା,ବିଭୂତି ସ୍ୱାଇଁ,ଅରକ୍ଷିତ ନାୟକ,ସୁମନ୍ତ ନାୟକ ପ୍ରମୁଖ ଜିଲ୍ଲାପାଳ ଶ୍ରୀ ବର୍ମାଙ୍କୁ ଭେଟି ନିବେଦନ କରିଛନ୍ତି ।

# ଭିନ୍ନକ୍ଷମ ଦଳିତ ପରିବାରକୁ ମରଣାନ୍ତକ ଆକ୍ରମଣ ଓ ଘରଭାଙ୍ଗିଦେବା ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡା (ପିଏନ)-ଜନୈକ ଦଳିତ ଭିନ୍ନକ୍ଷମ ପରିବାର ସଦସ୍ୟମାନଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ସହ ସେମାନଙ୍କ ବାସଗୃହକୁ ସଂପୂର୍ଣ୍ଣ ଭାଙ୍ଗି ଦେଇଥିବା ସୋମବାର ଅପରାହ୍ନରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ତନ୍ତିଆପାଳ ଥାନାର ମାଳିଅଂଚ ଗ୍ରାମର ଅରୁଣ କୁମାର ମଳିକ,ପିତା ସ୍ୱର୍ଗତ ବଳରାମ ମଳିକ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ନିକଟରେ ସପରିବାର ଉପସ୍ଥିତ ହୋଇ ଅଭିଯୋଗ କରିଛନ୍ତି ଯେ କେତେକ ଗୁଣ୍ଡା,ମଦ୍ୟପ,ବଦମାସ ଓ ଅସାମାଜିକ ଶ୍ରେଣୀର ଦୁଷ୍ଟପ୍ରକୃତିର ବ୍ୟକ୍ତି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସଙ୍ଘବଦ୍ଧ ଭାବରେ ଅରୁଣଙ୍କ ବାସଗୃହକୁ ସଂପୂର୍ଣ୍ଣ ଭାଙ୍ଗିଦେବା ସହିତ ତାଙ୍କର ଦୃଷ୍ଟିବାଧିତ ୨ଭିନ୍ନକ୍ଷମ ପୁତ୍ର ଅଶୋକ ଓ ଅଶ୍ୱିନୀଙ୍କ ସମେତ ସମସ୍ତ ପରିବାର ବର୍ଗଙ୍କୁ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରିଦେଇଛନ୍ତି



। ଏଥି ସହିତ ଘରୁ ସମସ୍ତ ଜିନିଷ ଲୁଟ କରିନେବା ସହ ଘରର ମହିଳାମାନଙ୍କ ବେଇଜ୍ଜତ କରିଥିବା ସେ ଅଭିଯୋଗ କରିଛନ୍ତି । ପ୍ରାୟ ୫୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅରୁଣ ବାସ କରିଆସୁଥିବା ପୈତୃକ ସମ୍ପତ୍ତିରୁ ତାଙ୍କ ପରିବାରକୁ ଜୋରଜବରଦସ୍ତ ବିତାଡିତ କରିବା ଉଦେଶ୍ୟରେ ଅଭିଯୁକ୍ତମାନେ ମାଡମାରିବା,ଘର ଭାଙ୍ଗିଦେବା ସହ ସେମାନଙ୍କୁ ଜୀବନରେ ମାରିଦେବାକୁ ମଧ୍ୟ ଧମକ ଦେଇଥିବା ଅରୁଣ ତନ୍ତିଆପାଳ ଥାନାରେ ଅଭିଯୋଗ କରିଥିଲେବି ଥାନା ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ଶେଷରେ ଅରୁଣ ବାଧ୍ୟ ହୋଇ ବାସହୀନ ଅସହାୟ ପରିବାର ସହିତ ଜିଲ୍ଲାପାଳ ଶ୍ରୀ ବର୍ମାଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ତେବେ ଜିଲ୍ଲାପାଳ ଏ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ନିମନ୍ତେ ମହାକାଳପଡା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

# ଖୋର୍ଦ୍ଧାରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ



ଖୋର୍ଦ୍ଧା, (ପିଏନ)-ଖୋର୍ଦ୍ଧା ବିଶ୍ୱ ଜୀବନ ସେବାସଂଘ ଆନୁକୂଲ୍ୟରେ ତଥା ତାଲୁକ ଆଇନ ସେବା କମିଟି ସହାୟତାରେ ଖୋର୍ଦ୍ଧା ବୁଢ଼ୀବଗିଚ଼ା ସ୍ଥିତ ଜୀବନଧାରା ସେବାଶ୍ରମ ଠାରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପ୍ରଥମ ଅତିରିକ୍ତ ଜିଲା ଜଜ୍ ତଥା ତାଲୁକ ଆଇନ ସେବା କମିଟିର ଚେୟାରମ୍ୟାନ୍ ଶ୍ରୀ ଧରଣୀଧର ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଫାମିଲି ଜଜ୍ ଶ୍ରୀ ଦିଗମ୍ବର ପୃଷ୍ଟି ଓ ୨ୟ ଅତିରିକ୍ତ ଜିଲା ଜଜ୍ ଶ୍ରୀ ଦିଲ୍ଲୀପ କୁମାର ବିଶ୍ୱାଳ ସେମାନଙ୍କ ବକ୍ତବ୍ୟରେ ପୂର୍ବକାଳର ପାରିବାରିକ ସ୍ଥିତିର ଅବକ୍ଷୟ ଘଟୁଥିବାରୁ ଏବଂ ବସ୍ତୁବାଦୀ ଆଭିମୁଖ୍ୟର ପ୍ରଭାବ ଘନୀଭୂତ ହେଉଥିବାରୁ ଶିକ୍ଷିତ ବର୍ଗ ତଥା ରୋଜଗାର ବିହୀନ ପୁତ୍ରମାନେ ସେମାନଙ୍କ ବାପା ଓ ମାଆଙ୍କୁ ହତାଦର କରୁଥିବା ପରିଲକ୍ଷିତ ହେଉଛି । ଉପସ୍ଥିତ ପୌଢ଼ମାନଙ୍କୁ ଆଇନ୍‌ର ପରିସର ମଧରେ ସମସ୍ତ ସାହାଯ୍ୟ ଦିଆଯିବ ବୋଲି ଘୋଷଣା କରିଥିଲେ । ସଭାପତି ତାଙ୍କ ବକ୍ତବ୍ୟରେ ପୌଢ଼ମାନେ ଯେ କୌଣସି ସମୟରେ ତାଙ୍କୁ ସାକ୍ଷାତ ପାଇଁ ଚାହିଁଲେ ତାଙ୍କ ଦ୍ୱାର ଉନ୍ମୁକ୍ତ ବୋଲି କହିଥିଲେ । ଅନ୍ୟମାନଙ୍କ ମଧରେ ସମାଜସେବୀ ସତ୍ୟବାଦୀ ବଳିଆରସିଂହ, ଏନ୍.ସି.ଡି. ଡାକ୍ତର ବାସୁଦେବ ପାତ୍ର, ସ୍ୱତନ୍ତ୍ର ଜୁଡିସିଆଲ ମାଜିଷ୍ଟ୍ରେଟ୍ ସୁରେନ୍ଦ୍ର କୁମାର ପାଢ଼ୀ, ସିନିୟର ସିଭିଲ ଜଜ୍ ଦିଲୀପ କୁମାର ସାହୁ, ମାଜିଷ୍ଟ୍ରେଟ୍ ମିସ୍ ଜ୍ୟୋର୍ତିମୟୀ ଷଡ଼ଙ୍ଗୀ, ପବ୍ଲିକ ପ୍ରସିକ୍ୟୁଟର ରଜନୀକାନ୍ତ ପଟ୍ଟନାୟକ, ବାର ଆସୋସିଏସନ୍ ସମ୍ପାଦକ ପ୍ରଦୀପ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ । ବରିଷ୍ଠ ନାଗରିକ ତଥା ଶିକ୍ଷାବିତ୍ ଭୀମସେନ ପ୍ରଧାନ ଓ ଯୋଗ ପ୍ରଶିକ୍ଷିକା ଶ୍ରୀମତୀ ଇତିଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଶ୍ୱ ଜୀବନ ସେବାସଂଘର ସଭାପତି ଶ୍ରୀ ବୈଦ୍ୟନାଥ ବରାଳ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ । ବସନ୍ତ କୁମାର ଶତପଥୀ ଓ ମୀନକେତନ ଶ୍ରୀଚନ୍ଦନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ ।

### ବାଲିଚନ୍ଦ୍ରପୁର ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

# ଛାତ୍ର ଛାତ୍ରୀଙ୍କ ଚରିତ୍ର ଗଠନ ଦିଗ ଉପରେ ଗୁରୁତ୍ୱାରୋପ- ଥାନାଧିକାରୀ




ବାଲିଚନ୍ଦ୍ରପୁର (ପିଏନ)-ବାଲିଚନ୍ଦ୍ରପୁର ପୋଲିସ ପକ୍ଷରୁ ଆଜି ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲକ୍ଷ୍ମୀନାରାୟଣ ବିଦ୍ୟାପୀଠ ଓ କଳାଶ୍ରୀ ଗୋପାଳପୁର ନୋଡାଲ ବିଦ୍ୟାଳୟ ମିଳିତ ଆନୁକୁଲ୍ୟରେ ପୋଲିସର ଉଦ୍ୟମକ୍ରମେ ସଡ଼କ ସୁରକ୍ଷା ଜୀବନ ରକ୍ଷା ଓ ପରିବେଷ ସୁରକ୍ଷା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ଉଭୟ ବିଦ୍ୟାଳୟର ଶତାଧିକ ଛାତ୍ର ଛାତ୍ରୀ ବିଦ୍ୟାଳୟ ପରିସରରୁ ଏକ ଶୋଭା ଯାତ୍ରାରେ ବାହାରି ଗୋପାଳପୁର ଗ୍ରାମ ସଫେଇ କରି ଉଦୟଗିରି ଛକ ନିକଟରେ ପହଞ୍ଚି କୃଷ୍ଣଦାସପୁର-ରତ୍ନଗିରି ରାସ୍ତାରେ ବିନା ହେଲ୍‌ମେଟ୍, ସିଟ୍ ବେଲ୍ଟ ପିନ୍ଧି ନ ଥିବା ଗାଡ଼ି ଚାଳକ ଏବଂ ୧୮ ବର୍ଷରୁ କମ୍ ବୟସର ପିଲା ଗାଡ଼ି ଚାଳକଙ୍କୁ ଅଟକାଇ ଗୋଲାପ ଫୁଲ ଓ ଚକଲେଟ୍ ଦେଇ ସଚେତନ କରାଇଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଅଜିତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଛାତ୍ର ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ସଚେତନତା ସଂପର୍କିତ କର୍ମଶାଳା ଆୟୋଜନ କରାଯାଇଥିଲା । ଏଥିରେ ଅତିଥିଭାବେ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସୁକାନ୍ତ କୁମାର ପାତ୍ର ଯୋଗ ଦେଇ ଛାତ୍ର ଛାତ୍ରୀମାନଙ୍କର ଚରିତ୍ର ଗଠନ ସମ୍ବନ୍ଧରେ ଗୁରୁତ୍ୱ ଦେଇ ଛାତ୍ର ଛାତ୍ରୀମାନଙ୍କୁ ବୁଝାଇଥିଲେ । ଅନ୍ୟତମ ଅତିଥିଭାବେ ସ୍ଥାନୀୟ ଜିଲ୍ଲାପରିଷଦ ସଦସ୍ୟ ବିପିନ ବିହାରୀ ଜେନା ଯୋଗ ଦେଇ ଛାତ୍ର ଛାତ୍ରୀମାନେ ପାଠ ପଢ଼ାରେ ମନ ନିବେଶ କରିବା ସହ ଶୃଙ୍ଖଳିତ ହେବା ପାଇଁ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ସର୍ବଶ୍ରୀ ଅଜୟ କୁମାର ସାମଲ, ରଞ୍ଜନ କୁମାର ପରିଡ଼ା, ସରୋଜ କୁମାର ଶତପଥୀ, ଉତ୍କଳ ବଳସାମନ୍ତ, ବିଜୟ ସାହୁ, କେଶବ ଚନ୍ଦ୍ର ମିଶ୍ର, ନୋଡ଼ାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷିକେଶ ରାୟ, ବସନ୍ତରାଜ ସାମଲ, ଚିତରଞ୍ଜନ ସାମଲ, ପରେଶ ଦାସ, ନିହାର ମଲିକ, ଏସ୍.ଆଇ ସୁରେନ୍ଦ୍ର ରଥ ଓ ଆମ ପୋଲିସ ପକ୍ଷରୁ ରାମଚନ୍ଦ୍ର ସିଂହ, ଆଦିକନ୍ଦ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

# ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କେନ୍ଦ୍ରାପଡା,(ପିଏନ)- କେନ୍ଦ୍ରାପଡା ପୌରାଚଂଳ ଅନ୍ତର୍ଗତ ଅଯୋଦ୍ଧାନଗର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପୁଷ୍ପଲତା ନାୟକଙ୍କୁ ସୋମବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ୨୦୦୫ ମସିହାରୁ ଅଯୋଦ୍ଧାନଗର ପ୍ରାଥମିକ ବିଦ୍ୟାଳୟରେ ଯୋଗଦେବା ପରେ ପୁଷ୍ପଲତା ଏଠାରେ ଶିକ୍ଷା କ୍ଷେତ୍ରରେ ଆଖିଦୃଶିଆ ପଦକ୍ଷେପ ନେଇ ନୀରକ୍ଷରତା ହାରକୁ ହ୍ରାସ କରିବା ସହିତ ବହୁ ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି କରିପାରିଥିଲେ । ଶ୍ରୀମତୀ ନାୟକ ଜଣେ ଛାତ୍ରବତ୍ସଳ ଶିକ୍ଷୟତ୍ରୀ ଭାବେ ଅଂଚଳରେ ବେଶ ପରିଚିତ ଥିଲେ । ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ନାୟକଙ୍କୁ ପୁଷ୍ପଗୁଚ୍ଛ,ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ ପୂର୍ବତନ କାଉନସିଲର ଦେବେନ୍ଦ୍ର ରାଉତ,ସାମ୍ବାଦିକ ତଥା ବିଦ୍ୟାଳୟର ପୁରାତନ ଛାତ୍ର ପ୍ରଶାନ୍ତ କୁମାର ନାୟକ,ତୁଳସୀ ଯୁବକ ସଙ୍ଘର ସୁବାଷ ସେଠୀ,ପ୍ରଦୀପ ନାୟକ,ହେମନ୍ତ ମଲ୍ଲିକ,ରମେଶ ସେଠୀ,ବାବୁନୀ ସେଠୀଙ୍କ ସମେତ ଅଯୋଦ୍ଧାନଗର ଗ୍ରାମର ମୁରବୀମାନେ ଯୋଗଦେଇ ପ୍ରଧାନଶିକ୍ଷୟତ୍ରୀ ପୁଷ୍ପଲତାଙ୍କ ସୁସ୍ଥ ଭବିଷ୍ୟତ କାମନା କରି ଶୁଭେଚ୍ଛା ଜଣାଇଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଦାୟକାଳିନ ସମ୍ବର୍ଦ୍ଧନା ସଙ୍ଗୀତ ଗାନ କରିଥିଲେ ।

## ଛାତ୍ରୀଙ୍କୁ ଅସଦାଚରଣ କରି ଯୁବକ ଗିରଫ

ବାଲିଚନ୍ଦ୍ରପୁର (ପିଏନ)- ଜଣେ ଦଶମ ଶ୍ରେଣୀର ଛାତ୍ରୀଙ୍କୁ କଳାଶ୍ରୀ ଗ୍ରାମର ଜୈନେକ ଯୁବକ ଅସଦାଚରଣ କରି ଗିରଫ ହୋଇଥିବା ଜଣାଯାଇଛି । ପୋଲିସ ସୂତ୍ରରୁ ପ୍ରକାଶ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଳାଶ୍ରୀ ଗୋପାଳପୁର ଗ୍ରାମର ଅରକ୍ଷିତ ମହାରଣାଙ୍କ ପୁଅ ଉପେନ୍ଦ୍ର ମହାରଣା (୩୨) ଚଣ୍ଡିଆ ଗ୍ରାମର ଜୈନେକା ଦଶମ ଶ୍ରେଣୀର ଛାତ୍ରୀଙ୍କୁ ଟ୍ୟୁସନ୍ ଓ ସ୍କୁଲ ଯିବା ସମୟରେ ଏକାଟିଆ ଦେଖି ବିଭିନ୍ନ ସମୟରେ ଅସଦାଚରଣ କରୁଥିଲା । ଗତ ୨୮ ତାରିଖ ଦିନ ଛାତ୍ରୀ ଜଣକ ସକାଳ ସମୟରେ ଟ୍ୟୁସନ୍ କୁ ଯିବା ବାଟରେ ଉପେନ୍ଦ୍ର ତାକୁ ଅଟକାଇ କମେଣ୍ଟ ମାରିବା ସହ ଅସଦାଚରଣ କରିଥିଲା । ଘଟଣା ସମ୍ପର୍କରେ ଛାତ୍ରୀ ଜଣକ ନିଜ ପରିବାର ଆଗରେ ପ୍ରକାଶ କରିବା ପରେ ୩୦ ତାରିଖ ସନ୍ଧ୍ୟାରେ ଛାତ୍ରୀଙ୍କ ମା' ବାଲିଚନ୍ଦ୍ରପୁର ଥାନା ରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ତତ୍‌କ୍ଷଣାତ୍ ପୋଲିସ ଅଭିଯୁକ୍ତ ଉପେନ୍ଦ୍ରକୁ ଗିରଫ କରି ଆଜି ମଙ୍ଗଳବାର ଥାନା କେସ୍ ନଂ ୨୩୮/୧୯ରେ କୋର୍ଟ ଚାଲାଣ କରା ଯାଇଥିବା ଥାନାଧିକାରୀ ସୁକାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି ।

## ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ

ବାଲେଶ୍ୱର,(ପିଏନ): ବରିଷ୍ଠ ନାଗରିକମାନଙ୍କ ପାଇଁ ସମସ୍ତ ପ୍ରଣିତ ଆଇନ୍ ସଂପର୍କରେ ସେମାନଙ୍କୁ ସଚେତନ କରାଇ ସାମାଜିକ ସୁରକ୍ଷା ପ୍ରଦାନ ନିମିତ୍ତ ବିଶ୍ୱ ନାଗରିକ ଦିବସ ପାଳନ ଅବସରରେ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚରେ ଅତିଥି ଓ ବକ୍ତାଭାବେ ଯୋଗ ଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ନୃତ୍ୟ-ସଂଗୀତ-କଳା ମନ୍ଦିର ପ୍ରେକ୍ଷାଳୟରେ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ତରଫରୁ ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବରିଷ୍ଠ ନାଗରିକ ଦିବସ ଉତ୍ସବ ପାଳିତ ହୋଇଯାଇଛି । ସଭାକାର୍ଯ୍ୟ ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ । ସାଧାରଣ ସଂପାଦକ ଲକ୍ଷ୍ମୀଧର ବେହେରା ଏହି ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ବିଶଦ ସୂଚନା ପ୍ରଦାନ କରିଥିଲେ । କେନ୍ଦ୍ର ଓ ରାଜ୍ୟସରକାରଙ୍କ ତରଫରୁ ପ୍ରଣୀତ ସମସ୍ତ ଆଇନ ଓ ସୁବିଧା ସୁଯୋଗ ବରିଷ୍ଠନାଗରିକଙ୍କ ନିକଟରେ ପହଞ୍ଚାଇବାପାଇଁ ସମସ୍ତଙ୍କର କର୍ତ୍ତବ୍ୟ ବୋଲି ଶ୍ରୀ ବେହେରା ଉପସ୍ଥିତ ସଦସ୍ୟ ସଦସ୍ୟାଙ୍କୁ ଆହ୍ୱାନ ଦେଇଥିଲେ । ଯୌଥ ପରିବାର ସଂସ୍କୃତି ବିଲୋପ ହେବାକୁ ଯାଉଥିବାବେଳେ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ବୃଦ୍ଧି ପାଇଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା । ରାଜ୍ୟ ସରକାରଙ୍କ ତରଫରୁ ଗତବର୍ଷମାନଙ୍କରେ ବରିଷ୍ଠ ନାଗରିକ ଦିବସ ଜିଲ୍ଲାସ୍ତରରେ ପାଳନ ହେଉଥିବାବେଳେ ଚଳିତବର୍ଷ ଏହି କାର୍ଯ୍ୟକ୍ରମ ବିଶୃଙ୍ଖଳିତ ଭାବେ ପାଳନ ହେଉଥିବା ଘଟଣାକୁ କେତେକ ବକ୍ତା ସମାଲୋଚନା କରିଥିଲେ । ରାଜ୍ୟ ଓ ଜିଲ୍ଲା ପ୍ରଶାସନ ପଞ୍ଜୀକୃତ ବରିଷ୍ଠ ନାଗରିକ ସଂଗଠନମାନଙ୍କୁ ଗୁରୁତ୍ୱ ନଦେବା ଘଟଣାରେ କର୍ମକର୍ତ୍ତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ଅତିଥି ଓ ବକ୍ତାଭାବେ ସାହିତ୍ୟିକ ଡଃ ପ୍ରହ୍ଲାଦ ଚନ୍ଦ୍ର ମହାନ୍ତି, ସମାଜସେବୀ ଭଗବାନ ଚନ୍ଦ୍ର ରାଉତ, ଅବସରପ୍ରାପ୍ତ ପୋଲିସ୍ ଅଧୀକ୍ଷକ ହରମୋହନ ଦାଶ, ସମାଜସେବୀ ଶରତଚନ୍ଦ୍ର ଦାଶ ଓ ସୁସାହିତ୍ୟିକ ଡଃ ହରିଶ୍ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟା ଓ ତାହାର ଆଇନଗତ ନିରାକରଣ ଦିଗରେ ବହୁ ପ୍ରସ୍ତାବ ଦେଇଥିଲେ । ଉତ୍ସବରେ ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ମଞ୍ଚ ଆହ୍ୱାନ କରିଥିବାବେଳେ ଗୌରାଙ୍ଗ ପାଣିଗ୍ରାହୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ରାଜ୍ୟ ଯୋଜନା ବୋର୍ଡ଼ର ସଦସ୍ୟ ଗିରିଶ ଚନ୍ଦ୍ର ଦାଶ, ପ୍ରଫେସର ଅନନ୍ତ ପ୍ରଧାନ, ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ, ସୃଷ୍ଟିଧର ପରିଡ଼ା, ବିପ୍ଳବ କୁମାର ମହାନ୍ତି, ସତ୍ୟପ୍ରିୟ ମହାନ୍ତି, ଅପର୍ଣ୍ଣା ମହାପାତ୍ର, କବି ଚତୁର୍ଭୁଜ ଜେନା, ଅରୁଣା ରାୟ, ଦାମୋଦର ନାୟକ, ଡା. କୁନାନନ୍ଦ ଗିରି, ଅଭିରାମ ଦାସ, ଲୋଚନ ବେହେରା, ରେଣୁବାଳା ଦାସ, ଅନ୍ତର୍ଯ୍ୟାମୀ ପ୍ରଧାନ, କମଳାକାନ୍ତ ଦାସ, ଦେବେନ୍ଦ୍ର ଚୌଧୁରୀ, ପଦ୍ମଲୋଚନ ପାତ୍ର, ଡା. ସନାତନ ଦାସ, ରାଜେନ୍ଦ୍ର ନାଥ ରାଉତ, ଅକ୍ଷୟ କୁମାର ତ୍ରିପାଠୀ, କୃଷ୍ଣ ଚନ୍ଦ୍ର ରାଉଳ, ନିରଞ୍ଜନ ରାଉତ, ଅପର୍ଣ୍ଣା କର, ସରସ୍ୱତୀ ପଣ୍ଡା ଓ ମଧୁସୂଦନ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସେମାନଙ୍କ ସୁଚିନ୍ତିତ ମତାମତ ଓ ପରାମର୍ଶ ଦେଇଥିଲେ । ଏହି ଉତ୍ସବରେ ଜିଲ୍ଲାର ଶତାଧିକ ସଦସ୍ୟ/ସଦସ୍ୟା ଯୋଗଦେଇଥିବାବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଯଶୋଦା ନନ୍ଦନ ଆଶ୍, ନିରୁପମା ସେଠୀ, ପ୍ରଭାସିନୀ କର, ରମେଶ ଚନ୍ଦ୍ର ଜେନା, ଲମ୍ବୋଦର ନାୟକ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ । ମନୋରଞ୍ଜନ ପାଲ୍ ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ ।

# ଛଦ୍ମବେଶରେ ସଦର ଥାନା ଅଧିକାରୀଙ୍କ ଆରଟିଓ କାର୍ଯ୍ୟାଳୟ ପରିଦର୍ଶନ

କେନ୍ଦ୍ରାପଡା (ପିଏନ)- ରାଜ୍ୟ ସରକାରଙ୍କ ଆଂଚଳିକ ପରିବହନ କାର୍ଯ୍ୟାଳୟ (ଆର.ଟି.ଓ.) ଅଫିସ୍‌କୁ ଦଲାଲମୁକ୍ତ କରାଯିବା ନିର୍ଦ୍ଦେଶକୁ କେନ୍ଦ୍ରାପଡା ସଦର ଥାନା ଭାରପ୍ରାପ୍ତ ଇନିସପେକ୍ଟର (ଆଇ.ଆଇ.ସି.) ପ୍ରମୋଦ କୁମାର ମଲ୍ଲିକ ଜିଲ୍ଲାରେ ପ୍ରଥମେ କାର୍ଯ୍ୟକାରି କରି ସୋମବାର ୨ ଦଲାଲଙ୍କୁ ସେଠାରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଦେଖାଯାଇଛି । ସଦର ଥାନା ଆଇ.ଆଇ.ସି. ଶ୍ରୀ ମଲ୍ଲିକ ଛଦ୍ମବେଶରେ ଆଜି ସ୍ଥାନୀୟ ଆର.ଟି.ଓ.ଅଫିସରେ ପହଁଚିଥିଲେ । ସେ ଏଭଳି ବେଶ ପୋଷାକ ପରିଧାନ କରିଥିଲେ ଯେ ତାଙ୍କୁ ଚିହ୍ନିବା କାହାରି ପକ୍ଷରେ ସମ୍ଭବ ନଥିଲା । ଆଇ.ଆଇ.ସି. ଶ୍ରୀ ମଲ୍ଲିକ ସାରା ଅଫିସ ବୁଲି ଦେଖିବା ପରେ ସେଠାରେ ଦଲାଲି କରୁଥିବା ମାର୍ଶାଘାଇ ଥାନା ଅନ୍ତର୍ଗତ ଯଦୁପୁର ଗ୍ରାମର ଅମରେଶ ଚନ୍ଦ୍ର ସାହୁ(୬୦) ଓ ସଦର ଥାନା ଅନ୍ତର୍ଗତ



ଗୋବିନ୍ଦଜୀଉପାଟଣା ଗ୍ରାମର ନିହାର ରଞ୍ଜନ ଦାସ(୨୮)ଙ୍କୁ ଗିରଫ କରି ଥାନା କେଶ ନମ୍ବର ୨୭୫/୨୦୧୯ରେ ଏକ ମାମଲା ରୁଜୁ କରାଯିବା ସହ ଆଇ.ପି.ସି.ର ଦଫା ୪୨୦,୪୭୧ ଓ ୩୪ ରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ମଲ୍ଲିକଙ୍କ ଠାରୁ ସୂଚନା ମିଳିଛି । ଆର.ଟି.ଓ. ଅଫିସରୁ ୨ଦଲାଲଙ୍କୁ ଗିରଫ କରାଯିବା ପରେ ଅନ୍ୟ ଦଲାଲଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିବା ଜଣାପଡିଛି ।

# ସେବାପାଇଁ ଜାତି ଧର୍ମ ସମ୍ପ୍ରଦାୟ ଭୂଲିଯାଆନ୍ତି ସଫଦର ହାଶିମ



ଭୁବନେଶ୍ୱର (ପିଏନ)- ସଂଖ୍ୟାଲଘୁ ମୁସଲମାନ ସମ୍ପ୍ରଦାୟରେ ଜନ୍ମଲାଭ କରିଥିଲେ ମଧ ସଫଦର ହାଶିମ୍ ଜଜବା ହାଶିମ ଅବଦୁଲ୍ଲା ଟ୍ରଷ୍ଟ ଗଢି ମାନବ ସେବାରେ ନିଜକୁ ଓ ନିଜ ଟିମ୍‌କୁ ମାନବସେବାରେ ନିୟୋଜିତ କରିଛନ୍ତି । ସେ ହିନ୍ଦୁ, ମୁସଲମାନ, ଶିଖ, ଖ୍ରୀଷ୍ଟିଆନ୍ ଅବା ଯେଉଁ ସମ୍ପ୍ରଦାୟର ଦରଦି ଗରିବ ଲୋକଟି ହେଉ ସେ କେବେ ହାଶିମ୍‌ଙ୍କ ଘରୁ ଖାଲି ହାତରେ ଆଜି ପର୍ଯ୍ୟନ୍ତ ଫେରିନାହିଁ । ଏହାର ଆଗରୁ ବହୁ ଉଦାହରଣ ଥିଲା ମାତ୍ର ଗତ ଫନି ବାତ୍ୟା ଏହାକୁ ଅଧିକ ପ୍ରମାଣିତ କରି ଦେଲା । ସରକାରୀ ସାହାଯ୍ୟ ପହଂଚିବା ଆଗରୁ ସଫଦର ହାଶିମ୍ ତାଙ୍କ ଟ୍ରଷ୍ଟକୁ ନେଇ ଗାଁ, ଗାଁ, ପଡା, ମଠ, ମନ୍ଦିର, ଏପରିକି ରାସ୍ତାକଡରେ ମଧ ତାଙ୍କ ସକ୍ଷମ ଅନୁସାରେ ସାହାଯ୍ୟର ହାତ ବଢାଇଥିଲେ । ଏପରି ଦେଖାଯାଇଛି ଯେ, ସେ ଓ ତାଙ୍କ ପୁରା ଟିମ୍ ଫନି ବାତ୍ୟା ସମୟରେ ବ୍ୟାପକ ପଲିଥିନ୍, ଚୂଡା, ଚାଉଳ, ଅଟା, ରନ୍ଧନ ଖାଦ୍ୟ ବିଭିନ୍ନ ଗ୍ରାମ ତଥା କଲୋନୀମାନଙ୍କରେ ବୁଲି ବାତ୍ୟା ପ୍ରପୀଡିତ ଲୋକମାନଙ୍କର ସହାୟତା କରିଥିଲେ । ତନ୍ମଧ୍ୟରୁ ଖଣ୍ଡଗିରିର ଏକ ଆଶ୍ରମରେ ଜଣେ ବୃଦ୍ଧ ସାଧୁ ଖୋଲା ଆକାଶ ତଳେ ବାତ୍ୟାର ୫ଦିନ ପର୍ଯ୍ୟନ୍ତ ଉପାସ ଭୋକରେ ଥିବା ସ୍ଥଳେ କୌଣସି ସରକାରୀ ବାବୁଙ୍କର ଦେଖା ମିଳି ନ ଥିଲା କିନ୍ତୁ ତାଙ୍କୁ ମଧ ହାଶିମ୍ ସାହାଯ୍ୟ କରିଥିଲେ । କଟକର ଖଟ୍‌ବିନ୍ ସାହି ହେଉ ଅବା ଚଣ୍ଡିମନ୍ଦିର, ଓଡିଆ ବଜାର ଅଥବା ଭୂବନେଶ୍ୱରର ରଘୁନାଥପୁର ପଂଚାୟତବାସୀ କେହି ସେହି ସମୟରେ ହାଶିମ୍ ଟ୍ରଷ୍ଟ ସାହାଯ୍ୟରୁ ବାଦ୍ ପଡିନାହାଁନ୍ତି । ଗରିବ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ ପାଇଁ ସହାୟତା,ହିନ୍ଦୁମୁସଲମାନମାନଙ୍କୁ ଏକାଠି କରି ଜାତୀୟ ଶାନ୍ତି ଦିବସ ସହ କବିତା ପାଠଚକ୍ର ଆୟୋଜନ ଓ ଶୀତଋତୁରେ ରାସ୍ତା କଡରେ ବେସାହାରା ଲୋକମାନଙ୍କୁ କମ୍ବଳ ବଂଟନ, ଏଥିପାଇଁ ପୋଲିସ୍ ମଧ ଅନେକବାର ତାଙ୍କୁ ବିଳମ୍ବିତ ରାତ୍ରିରେ ପଚାରିଛି , ଏତେ ରାତିରେ କ'ଣ କରୁଛନ୍ତି । ପୋଲିସ୍‌କୁ ନିର୍ଭୟରେ ହାଶିମ୍ ବାବୁ କହନ୍ତି କ'ଣ କରୁଛି, ଆପଣ ମୋ ସହ ଆସି ଦେଖନ୍ତୁ । ଅନେକଥର ପୋଲିସ୍ ମଧ ହାଶିମ୍‌ଙ୍କ ସହ ଯାଇ ତାଙ୍କର ଏହି ଦରଦି ପଣିଆ ଦେଖି ପ୍ରଶଂସା କରିଛି । ଏଭଳି ମଣିଷକୁ ଏମାଟି ଜନ୍ମ ଦେଇ ଚାଲିଥାଉ, ଯାହାଦ୍ୱାରା ଭାଇଚାରା ବଜାୟ ରହିବା ସହ ଜାତି-ଧର୍ମର ଭେଦଭାବର କେହି ଦ୍ୱାହି ନ ଦିଅନ୍ତୁ ।

